

ଗାଁଥା
ଶ୍ରୀ ଯତୀନ୍ଦ୍ରକୁମାର ଦାସ

# ଫାଶୀ !

ମୂଳ ଲେଖକ:
ଭିକ୍‌ଟର ହ୍ୟୁଗୋ

ଅନୁବାଦ:
ଯତୀନ୍ଦ୍ର କୁମାର ଦାସ

ସାହିତ୍ୟ—ସଂସାର, କଟକ-୨

Victor Hugo's

# Sentence to Deathର
# ଓଡ଼ିଆ ରୂପାନ୍ତର
# ଫାଶୀ !



ପ୍ରକାଶକ:
ସାହିତ୍ୟ ସଂସାର
ବାଙ୍କାବଜାର, କଟକ-୨
ପ୍ରଚ୍ଛଦପଟ୍ଟ:
ଗୋପାଳ କାନୁନଗୋ
ମୁଦ୍ରକ:
ଶ୍ରୀ ରାଇମୋହନ ଦାସ
ଉଗର ପ୍ରେସ
କଟକ— ୧
ପ୍ରଥମ ସଂସ୍କରଣ:
ନଭେମ୍ବର, ୧୯୫୭

ଏକଟଙ୍କା ଚାରିଅଣା

---

୧ ଟଙ୍କା ୨୫ ନୂଆପଇସା

ପ୍ରସିଦ୍ଧ ଫରାସୀ ଔପନ୍ୟାସିକ

ଭିକ୍ଟର ହ୍ୟୁଗୋଙ୍କ

# ଫାଶୀ

[illegible]

| | |
|---|---|
| ମାନସୀ | ଟ ୨୮ |
| କନରକ୍ତ (୨ୟ ସଂସ୍କରଣ) | ଟ ୧୩ |
| ଜୀବନ ଖେଳେ | ଟ ୧। |
| କପୋତ କପୋତୀ | ଟ ୦ |
| ହେ ପୃଥିବୀର ନାଗରିକ | ଟ ୧୮ |
| ମନର ମୟୂର | ଟ ୪.୩ |
| ଏ ଜନ୍ମର ଇତିହାସ | ଟ ୦ |

●

●

ଏହାପରେ ପଢ଼ନ୍ତୁ—
ଯତୀନ୍ଦ୍ର କୁମାର ଦାସଙ୍କର
ଆପଣଙ୍କ ମନର କାହାଣୀ
**ମନର ମୟୂର**
ଉପନ୍ୟାସ ଦେଢ଼ଟଙ୍କା

●

ଫାଶୀ ।

ପାଞ୍ଚ ସପ୍ତାହ ହେଲା କେବଳ ଏଇ କଥାହିଁ ଭାବୁଛି । ଦିନସାରା ମୁଁ ଏକାକୀ ରହୁଛି । ଏକାକୀ ମଧ୍ୟ ମରଣର ହିମ ସ୍ପର୍ଶ ଅନୁଭବ କରୁଛି । ମୋର ବେକକୁ କିଏ ଯେପରି ଦଉଡ଼ିରେ ବାନ୍ଧି ରଖିଛି ।

କିନ୍ତୁ ସବୁବେଳେ ମୁଁ ଏପରି ନଥିଲି । ମାତ୍ର କେତେଦିନ ତଳେ ମୁଁ ଜଣେ ସାଧାରଣ ମନୁଷ୍ୟ ପରି ସ୍ୱାଧୀନ ଥିଲି । ପ୍ରତିଦିନ, ପ୍ରତି ମୁହୂର୍ତ୍ତ ସ୍ୱାଧୀନ ଭାବରେ ମୁଁ ଜୀବନଯାପନ କରୁଥିଲି । ମୋର ମନ ବି ସେହିପରି ସ୍ୱାଧୀନ ଥିଲା । ମୋର ତରୁଣ ନିର୍ମଳ ମନ ଏକ ରଙ୍ଗୀନ ନିଶାରେ ବିଭୋର ରହୁଥିଲା । ନିୟମହୀନ, ବନ୍ଧନହୀନ, ବାଧାହୀନ ଜୀବନର କଳ୍ପନା ମତେ ଉନ୍ମତ୍ତ କରି ଛାଡୁଥିଲା ।

ରୂପସୀ ତରୁଣୀ, ବିଳାସୀ ରଙ୍ଗମଞ୍ଚ ଥିଲା ମୋ ଜୀବନର ଲକ୍ଷ୍ୟ। ସନ୍ଧ୍ୟାର ଉତ୍ସବ ତଳେ ସୁକୁମାରୀ ଯୁବତୀମାନଙ୍କ ବାହୁ-ବନ୍ଧନ ମଧ୍ୟରେ ମୋ ଦିନ ସୁଖରେ ବିତି ଯାଉଥିଲା। ସ୍ୱାଧୀନ ଥିଲା ମୋର ଚିନ୍ତା ଏବଂ ମୁଁ ନିଜେ ବି ସ୍ୱାଧୀନ ଥିଲି।

କିନ୍ତୁ ଆଜି ? ମୁଁ ବନ୍ଦୀ, ଜେଲଖାନାର କଏଦୀ। ଶୃଙ୍ଖଳା-ବଦ୍ଧ, କାରାଗାର ନିବାସୀ ଜଣେ କଏଦୀ। କାରାଗାରର ଅଭ୍ୟନ୍ତର ପରି ମୋର ମନ ଅନ୍ଧକାରାଚ୍ଛନ୍ନ। ମୋର ଚତୁର୍ଦ୍ଦିଗରେ ଭାସି ବୁଲୁଛି ଏକ ଭୟାବହ ହତ୍ୟାକାଣ୍ଡର ଛାୟା। ଏବେ ଆଉ କୌଣସି ଚିନ୍ତା ମନରେ ନାହିଁ—ଦିନରାତି କେବଳ ଗୋଟିଏ ଚିନ୍ତା, ଫାଶୀ, ପ୍ରାଣଦଣ୍ଡ !

ଅଶରୀରୀ ଛାୟା ପରି ଏହି ଚିନ୍ତା ମତେ ଆବୋରି ବସିଛି। ଆଉ ଅନ୍ୟ କଥା ଭାବିବାକୁ ସମୟ କାହିଁ ? ମୁଁ ତ ଚାହୁଁଛି ସବୁ ଭୁଲିଯିବାକୁ, କିନ୍ତୁ ଭୁଲି ପାରୁଛି କିପରି ? ନିଷ୍ଫଳ, ବ୍ୟର୍ଥ ପ୍ରୟାସ ! ସେହି ଚିନ୍ତାର ନିଷ୍ଠୁର ନିର୍ମମ ସ୍ପର୍ଶରୁ ମୁହୂର୍ତ୍ତିକ ପାଇଁ ମଧ୍ୟ ନିସ୍ତାର ନାହିଁ।

ତାର ରକ୍ତ-ଚକ୍ଷୁରେ ସେ ଯେପରି ମତେ ଦେଖିବାରେ ଲାଗିଛି। କିଏ ଯେପରି ମୋର ଚତୁର୍ଦ୍ଦିଗରେ ଏକ କରୁଣ ରାଗିଣୀ ଗାଉଛି ଏବଂ ତାହାର ତୀବ୍ର ହସ ବେଳେବେଳେ ଯେପରି ଭାସି ଆସୁଛି ! ଜେଲଖାନାର ଝରକା ଫାଙ୍କରେ- ଏଁ...ଏ କାହାର ? ଏ କାହାର ଆଖି ? ମୃତ୍ୟୁର ? ପ୍ରେତ ପରି ମୋର ଚତୁର୍ଦ୍ଦିଗରେ ଘୂରି ବୁଲୁଛି ! ହାତରେ ଦଉଡ଼ି...ମୁଁ ପାଗଳ ହୋଇଯିବି।

—ତଉ—

ହଠାତ୍ ନିଦ ଭାଙ୍ଗିଗଲା । ମନେହେଲା ଯେପରି କିଏ ଏହି ସଙ୍ଗେ ସଙ୍ଗେ ମୋ ମୁହଁ ଉପରୁ ତା ମୁହଁ ଉଠାଇ ନେଲା । ଏହା ସ୍ୱପ୍ନ ନା ସତ୍ୟ ? କାରାଗାରର କଠିନ ପାଷାଣ ଉପରେ, ପ୍ରଦୀପର କ୍ଷୀଣ ଶିଖାରେ, ପ୍ରହରୀର ନୀରବ ମୂର୍ତ୍ତିରେ, ବାତାୟନର ପାଖେ ପାଖେ—କିଏ ଯେପରି ଘୂରି ବୁଲୁଛି ! ତାର ଓଠରେ କେବଳ ସେଇ ଗୋଟିଏ ଶବ୍ଦ—ଫାଶୀ !

—୨—

ଅଗଷ୍ଟ ମାସ । ନିର୍ମଳ ସୁନ୍ଦର ପ୍ରଭାତ । ତିନି ଦିନ ହେଲା ମୋର ମକଦ୍ଦମାର ବିଚାର ଆରମ୍ଭ ହେଲାଣି । ଏଇ କେତେଦିନ ମଧ୍ୟରେ ମୁଁ ବି ପ୍ରସିଦ୍ଧ ହୋଇ ଗଲିଣି । ଅଳସୁଆମାନେ—ଯେଉଁ ମାନଙ୍କୁ କାମରୁ ମୁହୂର୍ତ୍ତିଏ ସୁଦ୍ଧା ଫୁରୁସତ୍ ମିଳେ ନାହିଁ—ଆଜି ମତେ ଦେଖିବା ପାଇଁ ଅଦାଲତର ବାହାରେ ଭିଡ଼ ମଧ୍ୟରେ ଠିଆ ହୋଇ ରହୁଛନ୍ତି । ଶାଗୁଣା ଦଳ ଶବକୁ ଲୋଲୁପ ଦୃଷ୍ଟିରେ ଚାହିଁ ରହିଲା ପରି ସେମାନେ ବି ମୋ ପାଇଁ ଅଧୀର ହୋଇ ଚାହିଁ ରହୁଛନ୍ତି ।

ପ୍ରହରୀମାନଙ୍କର ଏଇ ସ୍ପର୍ଦ୍ଧିତ ରୂପ ଓ ଦର୍ଶକମାନଙ୍କର ଏହିପରି ନିରୀହ ମୂର୍ତ୍ତି, କି ଅସହନୀୟ !

—ଚୁରି—

ପ୍ରଥମ ଦୁଇ ରାତି ତ ମତେ ନିଦ ହେଲା ନାହିଁ । ମନେହେଉଥିଲା ଏକ ବ୍ୟାକୁଳ ଆର୍ତ୍ତନାଦ ଅନ୍ତର ବିଦୀର୍ଣ୍ଣ କରି ଯେପରି ବାହାରି ଆସୁଛି ! କେଉଁଥି ପାଇଁ ଏ ଆଶଙ୍କା ? ତୃତୀୟ ରାତିରେ କ୍ଳାନ୍ତ ହୋଇ ନିଦ୍ରାର ମଧୁ ସ୍ପର୍ଶ ଅନୁଭବ କଲି । ନିଦ୍ରା ଦେବୀଙ୍କ ସୁକୋମଳ ଅଙ୍କ ସବୁ ବ୍ୟଥା ଭୁଲାଇ ଦେଉଥିଲା । ପ୍ରହରୀମାନଙ୍କ ପାଦ ଶବ୍ଦରେ ନିଦ ଭାଙ୍ଗିଗଲା । ପାଦରେ ଭାରି ଜୋତା, ହାତରେ ଲମ୍ବ ପେନ୍ଥା—ଯେପରି ସାକ୍ଷାତ ଯମଦୂତ !

ଆଖି ଫିଟାଇ ଚାହିଁଲି । ଜେଲର ଠାଣି କଳା କାନ୍ଥ । ଛାତ ତଳକୁ ଥିବା ଝରକା ଦେଇ ଆକାଶର ଏକ ଅଂଶ ଦେଖା ଯାଉଛି । ସୂର୍ଯ୍ୟ କିରଣ ଆକାଶରେ ବିଞ୍ଚି ହୋଇ ପଡ଼ିଛି । ପ୍ରକୃତରେ ଏହିପରି ଆକାଶ ମତେ ଭାରି ଭଲ ଲାଗେ ।

ମୁଁ କହିଲି, "ଓଃ, କି ସୁନ୍ଦର ଦିନ !"

ପ୍ରହରୀ ଚୁପ ରହିଲା । ମୋ କଥାର ଉତ୍ତର ଦେବାକୁ ସେ ବୋଧହୁଏ ଆବଶ୍ୟକ ମନେକଲା ନାହିଁ । ତାପରେ ହଠାତ କଣ ଭାବି ସେ କହିଲା, "ହଁ ଖୁବ୍ ସୁନ୍ଦର ଦିନ ।"

ପଥର ପରି ମୁଁ ନିଶ୍ଚଳ ନିସ୍ପନ୍ଦ ହୋଇଗଲି । ମୁଁ ଆକାଶକୁ ଚାହିଁ କହିଲି, "କି ସୁନ୍ଦର ସକାଳ !"

ସେ କହିଲା, "ହଁ, କିନ୍ତୁ ବାହାରେ ପରା ସମସ୍ତେ ତମକୁ ଚାହିଁ ବସିଛନ୍ତି ।"

ମୋ କଥାର କଣ ଏଇ ଉତ୍ତର ? ଏଇ ଉତ୍ତର ବୁଢ଼ିଅଣୀ ଜାଲ ପରି ମତେ ପୁରାତନ ଚିନ୍ତାଜାଲରେ ଘେରାଇ ଦେଲା । ଏଇ ସମୟରେ ମୋ ସମ୍ମୁଖରେ ଆସି ଠିଆ ହେଲା ସେଇ ନିର୍ମମ ହୃଦୟ-ହୀନ ରକ୍ତ-ଶୋଷକ ବିଚାରକ, ତାର ଗମ୍ଭୀର ନିରାନନ୍ଦ ମୁଖ, ଲୋଭୀ ସାକ୍ଷୀଦଳ, କଳା ଗାଉନ ପିନ୍ଧା ସୁପଣ୍ଡିତ ଓକିଲମାନେ,

ଶବପଛ ପର ସଜ୍ଜିତ ପ୍ରହରୀଗଣ, ଚପରାଶୀମାନେ ଏବଂ ସେଇ ବଜାରୀ ଦର୍ଶକମାନେ ।

ମୋର ଦେହସାରା ଯେପରି ନିଆଁ ଲାଗିଗଲା ! ଓଠ ଥରିଲା ! ପାଦ ବି ଥରିବାକୁ ଆରମ୍ଭ କଲା । ପ୍ରହରୀମାନେ ମତେ ବାହାରକୁ ଟାଣି ଆଣିଲେ । ବାହାରର ଶୀତଳ ପବନ ସାମାନ୍ୟ ଶାନ୍ତି ଆଣିଦେଲା । ଦୁଶ୍ଚିନ୍ତା କେଉଁଆଡ଼େ ଚାଲିଗଲା । ଉପରେ ସୁନୀଳ ବିସ୍ତୀର୍ଣ୍ଣ ଆକାଶ, ସୂର୍ଯ୍ୟ କିରଣର ମଧୁର ସ୍ପର୍ଶ, ଚତୁର୍ଦ୍ଦିଗରେ ପକ୍ଷୀମାନଙ୍କର କଳରବ, ତରୁମାନଙ୍କ ଛାୟା—ଓଃ ଏଇ ସଂସାର କି ସୁନ୍ଦର !

ଏହାପରେ ଅଦାଲତର ସେଇ ଶ୍ୱାସରୁଦ୍ଧକାରୀ ବାୟୁ । ଜୀବନ ପରେ ମୃତ୍ୟୁ—ତାହା ବି ବୋଧହୁଏ ଏହିପରି ଭୀଷଣ ! ମତେ ଦେଖିବାପାଇଁ ଚତୁର୍ଦ୍ଦିଗରେ କୋଳାହଳ ଲାଗିଗଲା । ଚୁପଚାପ, କାଗଜ ଖସ ଖସ, ଜୋତାର୍ କଚ୍ ମଚ୍ ଶବ୍ଦ, ସବୁ ମିଶି ଏକ ଅଦ୍ଭୁତ ମିଶ୍ର ରାଗିଣୀର ସୃଷ୍ଟି ହେଲା । କି ନିର୍ଲଜ ହୃଦୟହୀନ ଏମାନେ ! ଜଣେ ମନୁଷ୍ୟର ଫାଶୀ ହୁକୁମ ଶୁଣିବାପାଇଁ ଏଇ ପଶୁମାନଙ୍କର କି ଅଦ୍ଭୁତ କୌତୁହଳ !

ଚତୁର୍ଦ୍ଦିଗ ପୁଣି ନିସ୍ତବ୍ଧ ହୋଇଗଲା । ଝଡ଼ ଆସିବା ପୂର୍ବରୁ ପ୍ରକୃତି ଯେପରି ଶାନ୍ତ ହୋଇଯାଏ, ଠିକ୍ ସେହିପରି । ବର୍ତ୍ତମାନ ଝଡ଼ ଆସିବ । ଭୟଙ୍କର ଝଡ଼ । ମୋର ଅସ୍ଥିକୁ ଚୂର୍ଣ୍ଣକରି, ଶିରା ପ୍ରଶିରାକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି, ଜୀବନକୁ ସହସ୍ର ଭାଗରେ ବିଭକ୍ତ କରି, ସେଇ ଝଡ଼ ଶାନ୍ତ ହେବ । ଆଜି ମୋର ଅପରାଧର ଦଣ୍ଡ ନିର୍ଣ୍ଣୟ ହେବ ।

—ଛଅ—

ଦଣ୍ଡ ! କିଏ କାହାକୁ ଦଣ୍ଡ ଦେବ ? କିଏ କାହାର ଅପରାଧ ବିଚାର କରିବ ? ମୁଁ ନୀରବରେ ଅପେକ୍ଷା କରିବାରେ ଲାଗିଲି । ଛାତି ଥରି ଉଠିଲା । କି ଗମ୍ଭୀର ବିରାଟ ସ୍ପନ୍ଦନ ! ଛାତିର ଧକ୍ ଧକ୍ ଶବ୍ଦ ବୋଧହୁଏ ବନ୍ଧୁକ ଶବ୍ଦ ଠାରୁ ବି ବେଶୀ ଭୟଙ୍କର ।

ମୋ ମନରେ ସେତେବେଳେ ଭୟ ନଥିଲା ! ଖୋଲା ଝରକା ଦେଇ ମୁଁ ଆକାଶକୁ ଚାହିଁଥିଲି । ଆକାଶରେ ଗୋଟିଏ ଗୋଟିଏ ପକ୍ଷୀ ଉଡ଼ି ବୁଲୁଥିଲେ । ମଧୁର ଶାନ୍ତ ପବନ ମା' ପରି ମୋ କପାଳରେ ତାର ଶୀତଳ ହାତ ବୁଲାଇ ଦେଉଥିଲା । ଜଜ୍‌ଙ୍କ ଆଖିରେ ଯେପରି ନିଦ ଲାଗି ଆସୁଥିଲା । ତାଙ୍କ ଉପରେ ଆଖି ପଡ଼ିବା ମାତ୍ରେ ମୁଁ ଭାବିଲି, କାହିଁକି ଏଇ ଅଭିନୟ ?

ବାହାରେ ଦୋକାନୀମାନେ ହସୁଥିଲେ । ମୋ କଥା ସେମାନଙ୍କର ମନେ ନାହିଁ । ହସ ଏବଂ କଥାବାର୍ତ୍ତାରେ ସେମାନେ ବିହ୍ୱଳ ରହୁଥିଲେ । ଆନନ୍ଦ ଏବଂ କଥାବାର୍ତ୍ତାରୁ ସେମାନଙ୍କୁ କେତେବେଳେ ଫୁରୁସତ୍ ମିଳେ ନାହିଁ । କି ନିର୍ବୋଧ ଏଇ ବ୍ୟବସାୟୀଗଣ ! ମୂର୍ଖ !

ଚତୁର୍ଦ୍ଦିଗରେ ଏତେ ଆନନ୍ଦ ଲାଗି ରହିଛି, ପୂରି ରହିଛି ଅସରନ୍ତି ସୌନ୍ଦର୍ଯ୍ୟ ! ଏଇ ସମୟରେ ମୃତ୍ୟୁ ବିଷୟରେ ଭାବିବା ମୂର୍ଖାମି, ପାପ । କି ସୁନ୍ଦର ବାୟୁ, କି ଉଜ୍ଜ୍ୱଳ ସୂର୍ଯ୍ୟ କିରଣ ! ଏଇ ସମୟରେ ମୃତ୍ୟୁଚିନ୍ତା ? କି ଅଶୋଭନୀୟ କଥା ! ସୂର୍ଯ୍ୟର କିରଣ ପରି ଆଶାର ମେଘ କେତେବେଳେ କିପରି ନିରାଶ ହୃଦୟରେ କିରଣ ଖେଳିଗଲା—ଓଃ, ଆଜି ମୁଁ ମୁକ୍ତି ପାଇବି !

ମୋ ପକ୍ଷର ଓକିଲ କହିଲା, "ଆଶା ହେଉଛି ।"

ମୁଁ ଅଳ୍ପ ହସି ଉତ୍ତର ଦେଲି, 'ଠିକ କହୁଛ ।'

—ସାତ—

ଓକିଲ କହିଲେ, "ମୁଁ ପ୍ରମାଣ କରି ଦେଇଛି ଯେ ତାହା ଦୈବାତ୍ ଘଟି ଯାଇଛି । ଫାଶୀ ତ କେବେ ହେବ ନାହିଁ, ହଁ ଯାବଜ୍ଜୀବନ କାରାଦଣ୍ଡ ହୋଇପାରେ । ଦେଖ, କଣ ହେଉଛି ।"

ମୁଁ କହିଲି, "ଜେଲରେ ସାରା ଜୀବନ ବନ୍ଦୀ ଭାବରେ କଟିବ ? ନା, ତା ଠାରୁ ମୃତ୍ୟୁ ବରଂ ଭଲ ।"

ହଁ, ମୃତ୍ୟୁ ଭଲ । ମୃତ୍ୟୁ ଶ୍ରେୟସ୍କର । ମୁଁ ବାହାରକୁ ଚାହିଁଲି । ଗୋଟିଏ ପକ୍ଷୀ ଗୋଟିଏ ଗଛ ଡ଼ାଳ ଉପରେ ବସି ଫଳକୁ ଠିକ୍କ ଠିକ କରି ଖାଉଛି । କି ଆନନ୍ଦରେ ତାର ଜୀବନ କଟୁଛି ! ମୁଁ ଯଦି ଗୋଟିଏ ପକ୍ଷୀ ହୋଇଥାନ୍ତି ! ସେହିପରି ମୁକ୍ତ ଆଉ ସ୍ୱାଧୀନ ହୋଇଥାନ୍ତି !

ଜଜ୍ଜ ସେତେବେଳେ ତାଙ୍କ ରାୟ ପଢ଼ୁଥାନ୍ତି । ସେ ଆଡ଼କୁ ମୋର ଲକ୍ଷ୍ୟ ନ ଥିଲା । ଜୀବନ ଆଉ ମୃତ୍ୟୁର କଥା ତ ସେଇ ସମୟରେ ଭୁଲି ଯାଇଥିଲି । ହଠାତ୍ କାନରେ ବାଜିଲା, ଫାଶୀ ! କପାଳରେ ଝାଳ ବିନ୍ଦୁ ବିନ୍ଦୁ ହୋଇ ଦେଖାଦେଲା । ଆଖି ଆଗରେ ଯେପରି କଳାପର୍ଦ୍ଦା ପଡ଼ିଗଲା । ମୁଁ ସେଇ କାଠଗଡ଼ାର କାଠକୁ ଆଉଜି ଠିଆ ହେଲି । ବୋଧହୁଏ ଜଜ୍‌ଙ୍କର ଦୟା ହେଲା । ସେ ପଚାରିଲେ "ତୁମର କଣ କହିବାର ଅଛି ?"

କହିବା ପାଇଁ ତ ବହୁତ କଥା ଥିଲା । କିନ୍ତୁ କହି ଲାଭ ବା କଣ ? ଯେପରି ମୋ ଜିଭକୁ କିଏ ଟାଣି ଧରିଲା । ଦୁଇ ହାତରେ ମୁଁ ମୁହଁକୁ ଘୋଡ଼ାଇ ପକାଇଲି । ଦର୍ଶକମାନଙ୍କର ଗୋଳମାଳ ଶୁଣାଗଲା । ଅଦାଲତ ବାହାରକୁ ଜନସ୍ରୋତ ଚାଲିଲା । ସେମାନଙ୍କର ପାଦଶବ୍ଦ ଶୁଣାଗଲା । ସେମାନେ ବୋଧହୁଏ ଅଶାନ୍ତିରୁ ମୁକ୍ତି ପାଇଲେ । କାମଦାମ ବିଳାସ ବିଶ୍ରାମ ସବୁ ବନ୍ଦ କରି ଯେଉଁମାନେ ମୋ ପାଇଁ ଏତେ ବାଟ କଷ୍ଟ କରି

ଅସିଥିଲେ, ମୁଁ ସେମାନଙ୍କୁ ଛୁଟି ଦେଇଦେଲି । ସେମାନେ
ଖୁସି ହୋଇ ଚାଲିଗଲେ ।

ଅନେକ ସମୟ ପରେ ମୋ ମୁହଁରୁ କଥା ବାହାରିଲା । ମୁଁ କହିଲି, "ହଜୁର, କେବଳ ଏତିକି ଦୟା କରନ୍ତୁ, ଯେପରି ମୋର ଫାଶୀ ଖୁବ୍ ଶୀଘ୍ର ହୋଇଯାଏ । ମୁଁ ଆଉ କିଛି ଚାହେଁନାହିଁ ।"

ସାରା ଦୁନିଆ ଉପରେ ମୋର ରାଗ ଆସିଲା ! ସଂସାର ପୂର୍ବପରି ପୁଣି ହସିବ, ଆନନ୍ଦରେ ନିମଗ୍ନ ରହିବ । ମୁଁ ଏ ସବୁ ଛାଡ଼ି ଚାଲିଯିବି । ତଥାପି ଜଣେ ସୁଦ୍ଧା କେହି ସେ ଅଭାବ ଅନୁଭବ କରିବ ନାହିଁ । ହାୟ, କି ସୁନ୍ଦର ଏ ପୃଥିବୀ, ତଥାପି ଏମିତି ନିର୍ଦ୍ଦୟ ! କାହାପାଇଁ ତା ହୃଦୟରେ ସ୍ନେହ ନାହିଁ, ଯେପରି ନିର୍ଜୀବ କଠୋର ଏକ ଜଡ଼ପିଣ୍ଡ । ଏଇ ହେଉଛି ସଂସାର, ଆଉ ଏହିପରି ସଂସାରରେ କୌଣସିମତେ ଝୁଲି ରହିବାର ନାମ ହେଉଛି ଜୀବନ । ଏହାଠାରୁ ମୃତ୍ୟୁ, ହଁ ମୃତ୍ୟୁ କଣ ବେଶୀ ନିଷ୍ଠୁର ?

ପ୍ରହରୀମାନେ ମତେ ବାହାରକୁ ନେଇ ଆସିଲେ । ବାହାରେ ଦର୍ଶକମାନେ ମତେ ଦେଖିବା ପାଇଁ ବ୍ୟାକୁଳ ଭାବରେ ଚାହିଁ ରହିଥିଲେ । ଆରେ ! ଏଇ ସବୁ ହୃଦୟହୀନ ପଶୁମାନଙ୍କ ଉପରେ ବଜ୍ର ପଡ଼ୁ ନାହିଁ ? ପ୍ରେତ ପଲ, ପିଶାଚର ଦଳ !

ବାହାରକୁ ଆସିଲି । କି ପରିବର୍ତ୍ତନ ! ଯେତେବେଳେ ଏଇବାଟେ କୋର୍ଟକୁ ଆସିଥିଲି, ସେତେବେଳେ ଅନ୍ୟମାନଙ୍କ ପରି ମୁଁ ବି ବଞ୍ଚିଥିଲି । କିନ୍ତୁ ବର୍ତ୍ତମାନ ? ବର୍ତ୍ତମାନ ଯେପରି ମୋର ମୃତ ଦେହକୁ କିଏ ଘୋଷାରି ଘୋଷାରି ନେଉଛି । ବର୍ତ୍ତମାନ ଯେପରି ମୁଁ ଏହି ସଂସାରର କେହି ନୁହିଁ । ପକ୍ଷୀମାନଙ୍କର ଗାନ, ସୂର୍ଯ୍ୟର କିରଣ—ଏହା ଆଜି ମୋ ପାଇଁ ନୁହେଁ । ନଦୀର ନିର୍ମଳ

ଜଳ, ସୁନୀଳ ଆକାଶ ଆଉ ଅନ୍ୟମାନଙ୍କ ପରି ତ ଠିକ୍ ପୂର୍ବପରି ରହିଛି । କେବଳ ମୁଁ ଏମାନଙ୍କ ମଧ୍ୟରୁ ଚାଲି ଯାଇଛି । ଏଇ ଛୋଟ ଛୋଟ ଫୁଲ, ଏଇ ସୁନ୍ଦର ତରୁଛାୟା, ହାୟ ଏସବୁ ମୋ ପାଇଁ ନୁହଁ । ଏମାନଙ୍କ ଉପରେ ମୋର କୌଣସି ଅଧିକାର ନାହିଁ ।

କଳା ରଙ୍ଗର ଗାଡ଼ି ମୋ ପାଇ ଅପେକ୍ଷା କରୁଥିଲା । ମୁଁ ଯେତେବେଳେ ଗାଡ଼ିରେ ଚଢ଼ିଲି, ସେତେବେଳେ ଦୂରରୁ କିଏ ଯେପରି କହିଲା, "ତାକୁ ଫାଶୀ ଦଣ୍ଡ ମିଳିଛି ।" ମୁଁ ମୁହଁ ବୁଲାଇ ତାକୁ ଚାହିଁଲି । ଏକ ନିଷ୍ଫଳ ଆକ୍ରୋଶରେ ହୃଦୟ ପୂର୍ଣ୍ଣ ହୋଇଗଲା ।

ଗାଡ଼ି ଚାଲିଲା । ମୁଁ ତା ମଧ୍ୟରେ ଥିବା ଛୋଟ ଝରକା ବାଟେ ବାହାର ସଂସାରକୁ ଦେଖିବାରେ ଲାଗିଲି । ରାସ୍ତା ଉପରେ ବାଟୋଇମାନେ ଚାଲୁଛନ୍ତି । ଗହଳ ଚହଳ ଆଗପରି ଲାଗିଛି । କୌଣସି ପରିବର୍ତ୍ତନ ହୋଇନାହିଁ । ମୋର ମୃତ୍ୟୁରେ ସେମାନଙ୍କର କିଛି କ୍ଷତି ହେବ ନାହିଁ । ତେଣୁ ସେମାନଙ୍କର ସହାନୁଭୂତି ନାହିଁ । ହାୟରେ ମଣିଷ !

—୩—

ମୃତ୍ୟୁ !

କିନ୍ତୁ କ୍ଷତି ବା କଣ ? ମନୁଷ୍ୟ ତ ଚିରଦିନ ବଞ୍ଚି ରହିବ ନାହିଁ ! ଦିନେ ନା ଦିନେ ତ ନିଶ୍ଚୟ ମରିବ ! ମରଣର ସେହି ଦିନ ଆଉ ମୁହୂର୍ତ୍ତ କେହି ଜାଣେ ନାହିଁ । କାହିଁ କି ତେବେ ଏଇ ବ୍ୟର୍ଥ ଅନୁଶୋଚନା ?

ଆଜିଠାରୁ ଫାଶୀ ପାଇବା ଦିନ ମଧ୍ୟରେ କେତେ ଲୋକ ସଂସାର ଛାଡ଼ି ଚାଲିଯିବେ । ମୋର ଫାଶୀ ଦେଖିବା ପାଇଁ ଯେଉଁ-ମାନେ ଦିନ ଗଣୁଛନ୍ତି ସେମାନଙ୍କ ମଧ୍ୟରୁ ବି କେତେକ ଚାଲିଯିବେ । ଜୀବନ ପ୍ରତି କାହିଁକି ଏତେ ମାୟା, ଏତେ ମମତା ?

—ଏଗାର—

ଅଲୋକ ବର୍ଜିତ ବାୟୁହୀନ ଅପୂର୍ବ ଏଇ ଜେଲଖାନା, କଦର୍ଯ୍ୟ ଅନ୍ଧାର, ନିଃସଙ୍ଗ ଜୀବନ, ଅପମାନ ଜର୍ଜ୍ଜରିତ ହୃଦୟ, ଅସଭ୍ୟ ଓ ନିଷ୍ଠୁର ପ୍ରହରୀଗଣ—ହାୟ ଏପରି ଜୀବନରେ ବା ଲାଭ କଣ ? ସଂସାରରେ ମୋ ପାଇଁ ଏକ ବିନ୍ଦୁ କରୁଣା ଅଶ୍ରୁ ବି ନାହିଁ । ମୁଁ ରିକ୍ତ, ଭିକାରୀ । ମୋ ଜୀବନନୌକାର ଅହୁଲି ଭାଙ୍ଗି ଯାଇଛି । ଏଇ ଜୀବନରେ ଆଉ ପ୍ରୟୋଜନ କଣ ?

ନିବୁଜ କଳା ଗାଡ଼ି ମତେ ଜେଲଖାନାକୁ ନେଇ ଆସିଲା । ପ୍ରଥମେ ଯେତେବେଳେ ଜେଲଖାନାକୁ ଦେଖିଥିଲି, ଏଇ ବିଶାଳ ପ୍ରାସାଦ ସେତେବେଳେ ଏପରି ଖରାପ ମନେ ହେଉ ନ ଥିଲା । କେତେଥର ଏଇ ଜେଲଖାନାର ସମ୍ମୁଖ ପ୍ରାନ୍ତର ଉପରେ ବସି କେତେ ଗୀତ ଗାଇଛୁ । ବନ୍ଧୁ ମାନଙ୍କ ସଙ୍ଗେ ବସି କେତେ ମଧୁର ଆଳାପ କରିଛି । ଯୌବନର କେତେ ଉନ୍ମତ୍ତ ଆନନ୍ଦ ମୁହୂର୍ତ୍ତ ଜ୍ୟୋତ୍ସ୍ନାଲୋକ ତଳେ ବିତି ଯାଇଛି । ଏଇ ପ୍ରାନ୍ତରରେ ବସି ବସି ନିଜ ନିଜର ଭବିଷ୍ୟତ ଜୀବନର କେତେ ରଙ୍ଗୀନ ସ୍ୱପ୍ନ ଆମେ ଦେଖିଛୁ । କେତେ ଉଦ୍ଧାମ କଳ୍ପନା କରିଛୁ । ରାଜ ପ୍ରାସାଦ ପରି ବିଶାଳ ଏଇ ପ୍ରାସାଦ । ନିକଟରେ ଗୋଟିଏ ନଦୀ କଳ କଳ ନାଦରେ ବହି ଯାଉଛି । କି ସୁନ୍ଦର ଦୃଶ୍ୟ ! କିନ୍ତୁ ଆଜି ସେଇ ପ୍ରାସାଦ ଦେଖିବା ମାତ୍ରେ ଘୃଣାରେ ହୃଦୟ ପୂର୍ଣ୍ଣ ହୋଇ ଉଠୁଛି ।

ମୋର କୋଠରୀ । ଝରକା ନାହିଁ । କେବଳ ଲୁହାର ଛଡ଼ । ଖୁବ୍ ଭାରି ଲୁହାର ଦ୍ୱାର ଆଉ ପଥରର କାନ୍ଥ । କେଉଁଠାରେ ସାମାନ୍ୟ ସୌନ୍ଦର୍ଯ୍ୟର ବି ଚିହ୍ନ ନାହିଁ । ଆଉ ସ୍ନେହ ? ତାହା ଏଠାରୁ କେତେ ଦୂରରେ !

—୪—

ପଥରର କାନ୍ଥ ମତେ ଯେପରି ଭାରି ନିବିଡ଼ ଆଲିଙ୍ଗନରେ ବନ୍ଦୀ କରିଦେଲା । ପ୍ରହରୀ ସତର୍କ ଭାବରେ ପ୍ରହରା ଦେବାକୁ ଲାଗିଲା, ଯେପରି କୌଣସି କଷ୍ଟ, କୌଣସି ଅସୁବିଧା ନ ହୁଏ, ଯେଉଁଥିରେ କି ମୋର ଏଇ ଅମୂଲ୍ୟ ଜୀବନ ଆପେ ଆପେ ନଷ୍ଟ ନ ହୋଇଯାଏ । ସେ ଖୁବ୍ ସାବଧାନ ଥିଲା, ମୁଁ ଯେପରି ଆତ୍ମହତ୍ୟା କରି ନ ଦିଏ ।

ଏହିପରି ଆଦର ଆଉ ସମ୍ମାନ ମଧ୍ୟରେ ମତେ ଛ ସାତ ମାସ ବଞ୍ଚି ରହିବାକୁ ହେବ । ଏହାପରେ ମୋର ଏଇ ଦେହକୁ ଫାଶୀରେ ଝୁଲାଇବା ପାଇଁ, ଦେବତାମାନଙ୍କ ସହ ସାକ୍ଷାତ ଦେବା ପାଇଁ, ଘାତକ ହାତରେ ସେମାନେ ସମର୍ପଣ କରିଦେବେ ।

—ଭେଲ—

ପ୍ରଥମେ ଦୁଇ ତନି ଦିନ ସମସ୍ତଙ୍କ କରୁଣା ସାଗର ଉଚ୍ଛୁଳି ପଡ଼ିଲା । ମୃତ୍ୟୁର ଅଗ୍ନିରେ ବିସର୍ଜନ ଦେବା ଆଗରୁ ସେମାନେ ଯେପରି ମୋ ଦେହରେ ଅମୃତ ସିଞ୍ଚିବାକୁ ଲାଗିଲେ । ପୁଣି ସେଇ ପୁରୁଣା କଥା । କେତେବେଳେ କେମିତି ବାଦ୍ୟର ସ୍ନିଗ୍ଧ ଧାର !

ମୋର ବୟସ, ଶିକ୍ଷା ଆଉ ଚେହେରାକୁ ଏଇ ସମୟରେ ସାମାନ୍ୟ ସମ୍ମାନ ମିଳିଲା । ଲେଖିବା ପଢ଼ିବା ପାଇଁ ଅନୁମତି ମିଳିଗଲା । ସକାଳେ ସଂଧ୍ୟାରେ ଭଗବାନଙ୍କୁ ଆରାଧନା କରିବା ପାଇଁ ଅନୁମତି ମିଳିଗଲା । ପ୍ରହରୀମାନଙ୍କ ନଜରବନ୍ଦୀରେ ବୁଲିବା ପାଇଁ ଅନୁମତି ବି ଦିଆଗଲା । ଜଣେ ଦୁଇଜଣ ହତଭାଗ୍ୟ କଏଦୀଙ୍କ ସଙ୍ଗେ କଥାବାର୍ତ୍ତା କରିବା ପାଇଁ ସୁଯୋଗ ମଧ୍ୟ ମିଳିଲା । ସେମାନେ ଜେଲଖାନାରେ ଆନନ୍ଦରେ ଥିଲେ । ମୁଁ ସେମାନଙ୍କୁ ସେମାନଙ୍କର ଅପରାଧ କଥା ପଚାରିଲି । କି ଅସଭ୍ୟ ସେମାନଙ୍କର ଭାଷା ! କିଏ କହିଲା ଚୋରି, କିଏ କହିଲା ଜାଲିଆତି । କିଏ ଆଉ କିଛି କହିଲା । ସେମାନେ ଏପରି ଭାବରେ କହିବାକୁ ଲାଗିଲେ ଯେପରିକି ସେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗୌରବ ପୂର୍ଣ୍ଣ କାର୍ଯ୍ୟ କରିଛନ୍ତି । ସେମାନଙ୍କର ଧାରଣା ବଡ଼ ବିଚିତ୍ର ଏବଂ ସାନ୍ତ୍ୱନାର କାରଣ ବି ଅତି ଅଦ୍ଭୁତ ।

ସେମାନେ ଅଯାଚିତ ଭାବରେ ମୋ ଉପରେ ସେମାନଙ୍କର ସହାନୁଭୂତି ଢାଳି ଦେଲେ । ସେମାନେ ବର୍ତ୍ତମାନ ମୋର ଏକାନ୍ତ ବନ୍ଧୁ । ଏକଦା ମୁଁ ସେମାନଙ୍କୁ ହୃଦୟର ସହିତ ଘୃଣା କରୁଥିଲି, ଆଉ ଆଜି ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରିବାରେ ମତେ ଶାନ୍ତି ମିଳୁଛି । ଏହା ଯଦି ହୋଇ ନଥାନ୍ତା, ତେବେ ମୁଁ ପାଗଳ ହୋଇ ଯାଇଥାନ୍ତି । କିନ୍ତୁ ଏମାନେ କଣ ସତରେ ମଣିଷ ?

—ଇତ୍ୟାଦି—

ପ୍ରକୃତରେ ସେମାନେ ହତଭାଗ୍ୟ । ଯେଉଁମାନେ ସାଧୁ, ସେମାନଙ୍କର ସ୍ତୋତ୍ର ସମସ୍ତେ ଗାଉଛନ୍ତି । ଯେଉଁମାନେ ଧନୀ, ଭାଗ୍ୟବାନ, ସେମାନଙ୍କ ମୁଖରୁ ଗୋଟିଏ ମାତ୍ର ଶବ୍ଦ ଶୁଣିବା ପାଇଁ ସମସ୍ତେ ବ୍ୟାକୁଳ ଭାବରେ ଚାହିଁ ରହିଛନ୍ତି । କିନ୍ତୁ ଯେଉଁମାନେ ଏହି ହତଭାଗ୍ୟମାନଙ୍କୁ ଭାଇ ବୋଲି ଡାକି ଛାତି ପାଖକୁ ଟାଣି ନିଅନ୍ତି, ଜାଣେନା ସେମାନେ କେଉଁ ଶ୍ରେଣୀର ମଣିଷ । ସେମାନଙ୍କ ସ୍ଥାନ ସ୍ୱର୍ଗରେ କେତେ ଉପରେ ? କେଉଁ ଠାରେ ? ସେମାନେ ପ୍ରକୃତରେ ଉଦାର ।

ଆଜି ଏହି ଯେଉଁ ଜଗୁଆଳମାନେ—ଏମାନେ ବି ସହାନୁଭୂତି ଦେଖାଇବାକୁ ଧାଇଁ ଆସିଥିଲେ । କିନ୍ତୁ ସେମାନଙ୍କର ସହାନୁଭୂତି, ସହାନୁଭୂତି ନୁହେଁ—ପରିହାସ । ଦୁର୍ଦ୍ଦଶା କବଳିତ ହୋଇ ମୁଁ ଆଜି ମନୁଷ୍ୟ ପ୍ରକୃତି ବୁଝିବାକୁ ଆରମ୍ଭ କରିଛି । ଏହି ଘୃଣା କଏଦୀମାନଙ୍କର ସହାନୁଭୂତି—ବ୍ୟଥିତ ଦୃଷ୍ଟି, କେତେ ପବିତ୍ର ! ଏମାନେ ମତେ ଘୃଣା କରନ୍ତି ନାହିଁ, ଆଳସ୍ୟ ପରିପୂର୍ଣ୍ଣ ଦର୍ଶକମାନଙ୍କ ପରି ଶକୁନି ଦୃଷ୍ଟିରେ ମତେ ଚାହାନ୍ତି ନାହିଁ ।

ଏହି ସବୁ କଥାକୁ ଯଦି ଲେଖିଯାଏ ତ ଦୋଷ କଣ ? କଥାବାର୍ତ୍ତା କରିବା ପାଇଁ ଯଦି କୌଣସି ସାଥି ନ ମିଳନ୍ତି ତେବେ ଏହି କାଗଜ କଲମ ତ ମୋର ପ୍ରିୟ ବନ୍ଧୁ ହୋଇ ପାରିବେ । କିନ୍ତୁ କଣ ଲେଖିବି ? ମୋର ଏହି ନିଷ୍ଫଳ ଭାବନାକୁ କାଗଜରେ ସଞ୍ଚିତ କରିବାରେ କି ଲାଭ ହେବ ? ପ୍ରାଚୀର ବେଷ୍ଟିତ ନିର୍ଜ୍ଜୀବ ଶୃଙ୍ଖଳିତ ଜୀବନର ସୁଖ ଦୁଃଖର ମାଳା କାହା ପାଇଁ ଗୁନ୍ଥିବି ? ମୋର ଏହି ମାଳା କିଏ ବା ପିନ୍ଧିବ ? ମୁଁ ଆଜି ଏହି ସଂସାରର ମନୁଷ୍ୟ ନହେଁ । ଇହଲୋକ ଏବଂ ପରଲୋକର

ମଧ୍ୟରେ ଗୋଟିଏ ସ୍ଥାନରେ ମୁଁ ଠିଆ ହୋଇଛି । ମୁଁ କାହାର ଅଶ୍ରୟ ନେବି ? ମୋର ବର୍ତ୍ତମାନ ଆପଣାର କିଏ ?

ତଥାପି ମୁଁ ନିଜର ବ୍ୟଥାକୁ ବେଦନାର ଡୋରରେ ଗୁନ୍ଥି-ଦେବି । ବ୍ୟଥିତ ଭାବନାକୁ ରୂପ ଦେଇଦେବି । ତାକୁ ଦେଖି ଲୋକେ ଘୃଣା କରିବେ ? କରନ୍ତୁ । ଲୋକେ ମତେ ଘୃଣା ଛଡ଼ା ଆଉ କଣ ଦେଇଛନ୍ତି ? ମୋର ଦୁଃଖ ଲାଗି ସେମାନଙ୍କ ହୃଦୟ କେବେ ସହାନୁଭୂତିରେ ଆର୍ଦ୍ର ହୋଇଛି ? ତେବେ ମୁଁ ସେମାନଙ୍କୁ କାହିଁକି ଭୟ କରିବି ? ସେମାନଙ୍କ ଘୃଣାରେ ମୋର କଣ ଯାଏ ଆସେ ?

ମନର ଅନ୍ତରାଳରେ ଏକ ପ୍ରଖର ବାତ୍ୟା ବହି ଚାଲିଛି । ଏକ ଭୀଷଣ ସଂଗ୍ରାମ ଚାଲିଛି । ଏଇ ଯୁଦ୍ଧ ହେଉଛି ନିର୍ମମ ମୃତ୍ୟୁ ସହିତ ଯୁଦ୍ଧ ।

ଯାହା ଜୀବନର ପ୍ରତ୍ୟେକ ମୁହୂର୍ତ୍ତି ଗଣା ସରି ଯାଇଛି, ତାର ଅବସ୍ଥା—ଉଃ ! ଆଲୋକ ଶୀଘ୍ର ଲିଭିଯିବ । ଜୀବନର ଆଲୋକ ମଧ୍ୟ ଲିଭିଯିବ । ହଁ, ଖୁବ୍ ଶୀଘ୍ର ।

ପ୍ରତ୍ୟେକ ମୁହୂର୍ତ୍ତିରେ ଯେଉଁ ଭୀଷଣ ଅବସ୍ଥାର ମୁଁ ସମ୍ମୁଖୀନ ହେଉଛି —ତୁଚ୍ଛ ଫାଶିର ଯନ୍ତ୍ରଣା କଣ ତାହା ଠାରୁ ବେଶୀ ? ସେହି ମୁକ୍ତିର ପଥ ଦେଖାଇବ । ଏଇ ବନ୍ଦବାୟୁ, ଅନ୍ଧ ରୁଦ୍ଧ ଦୟା ଉପରେ ଥିବା ବିରାଟ ସଂକୀର୍ଣ୍ଣତାର ପଥରେ ସେଇ ଏକାକୀ ଘୁଞ୍ଚାଇ ଦେବ । ତା'ପରେ ? ଆଃ—ଆଶା ଆଉ ଆଲୋକର ଅପୂର୍ବ ରାଜ୍ୟ—ତଥାପି ଏଇ ସୁନ୍ଦର ସଂସାର—ଉଃ !

ଆଚ୍ଛା ଏଇ ଲୋକମାନେ, ଯେଉଁମାନେ ଆଇନ ତିଆରି କରିଛନ୍ତି, ସେମାନେ କଣ କେବେ ଭାବିଛନ୍ତି ଯେ ମନୁଷ୍ୟକୁ

ଫାଶୀ ଦେବାପାଇଁ ଅଧିକାର ମନୁଷ୍ୟଙ୍କୁ କିଏ ଦେଲା ? ତାଙ୍କ ମଧ୍ୟରେ ବି ପ୍ରାଣ ଅଛି, ଚେତନା ଅଛି, ବୁଦ୍ଧି ଅଛି, ଜ୍ଞାନ ଅଛି। ଗୋଟିଏ ଛୋଟ ଦଉଡ଼ି ସାହାଯ୍ୟରେ ମୁହୂର୍ତ୍ତିକ ମଧ୍ୟରେ ଏ ସବୁକୁ ନଷ୍ଟ କରିଦେବା ସଙ୍ଗେ ସଙ୍ଗେ ତାର ସବୁ ଇଚ୍ଛା, ସବୁ ଆଶା, ସବୁ ପ୍ରେମ, ବିରାଟ ହୃଦୟ ସବୁ ଭସ୍ମୀଭୂତ କରିଦେବା— ଏ ସବୁ କି ନୃଶଂସ, କି ଅମାନୁଷିକ କାର୍ଯ୍ୟ ! ତଥାପି ସେମାନେ ଏକଥା ବୁଝି ପାରୁ ନାହାନ୍ତି । ସେମାନେ ଏକଥା ଭାବୁ ନାହାନ୍ତି । ସେମାନଙ୍କ ସମ୍ମୁଖରେ ନାଚୁଛି କେବଳ ଗୋଟିଏ ଦଉଡ଼ି ଆଉ ଗୋଟିଏ ବେକ ! ବେଶ, ଆଉ କିଛି ନାହିଁ । ପ୍ରତିଶୋଧକୁ ହିଁ ସେମାନେ ସବୋଚ୍ଚ ବୋଲି ବୁଝିଛନ୍ତି ।

ଏଇଥିପାଇଁ ତ ମୁଁ ଲେଖି ରଖିବି । ଧଳା କାଗଜରେ ଏଇ କଲମ ସାହାଯ୍ୟରେ ନିଜର ଏଇ ବେଦନାକୁ ରୂପ ଦେଇ ଯିବି । ହୃଦୟର ଅଭ୍ୟନ୍ତରରେ ଯେଉଁ ଦ୍ୱନ୍ଦ୍ୱ ଚାଲିଛି, କିଏ ତାହା ଦେଖିବ ନାହିଁ ? ବୁଝିବ ନାହିଁ ? ଘର ଦେହର ବେଦନା ! ଓଃ, ନିଃଶ୍ୱାସ ବନ୍ଦ ହୋଇ ଯାଉଛି । କୌଣସି ଦିନ କ'ଣ କିଏ ଏଇ କାଗଜକୁ ପଢ଼ିବ ନାହିଁ ? କି କଷ୍ଟ ସହି ସହି ଜଣେ ମଣିଷ ପ୍ରାଣ ଦେଇଛି, ଏକଥା କଣ କିଏ ଦିନେ ଜାଣିବ ନାହିଁ ? ବୋଧହୁଏ ଏମାନେ କେହି ପଢ଼ିବେ ନାହିଁ । ବୋଧହୁଏ ଦିନେ ଝଡ଼ର ପ୍ରବଳ ବାୟୁରେ ଉଡ଼ି ଉଡ଼ି ଏ କାଗଜ ଛିନ୍ନଭିନ୍ନ ହୋଇଯିବ । ରାସ୍ତାର ନର୍ଦ୍ଦମାରେ ପଡ଼ି ରହିବ । କିମ୍ବା କେଉଁ ଦୋକାନୀ ଏଇ କାଗଜରେ ଚୁଙ୍ଗୀ ତିଆରି କରିବ । ସ୍ୟାହିର ଶେଷ ରେଖା ବି ମୋ ଜୀବନର ଶେଷ ନିଃଶ୍ୱାସ ପରି ନୀରବରେ ଏକାକୀ ଲୋପ ପାଇଯିବ ।

—ସତର—

—୪—

ଯଦି କେବେ କାହାର ଦୃଷ୍ଟି ଏଇ କାଗଜ ଉପରେ ପଡ଼େ, ତେବେ ଏପରି ଆନ୍ଦୋଳନ ଆରମ୍ଭ ହେବ ଯେ ଫାଶୀପ୍ରଥା ସଙ୍ଗେ ସଙ୍ଗେ ଚିରଦିନ ପାଇଁ ଉଠିଯିବ । କେତେ ନିର୍ଦ୍ଦୋଷ, କେତେ ହତଭାଗ୍ୟ ଦୁର୍ଦ୍ଦଶାର କବଳରୁ ରକ୍ଷା ପାଇଯିବେ ! କିନ୍ତୁ ମୋର କଣ ଲାଭ ହେବ ? ମୋ ଜୀବନ ତ ତାର ବହୁ ପୂର୍ବରୁ ଫାଶୀର ବେଦୀରେ ବଳି ପଡ଼ି ସାରିଥିବ !

ପ୍ରାଣ ବାହାରିଯିବ ! ମୃତ୍ୟୁ ହୋଇଯିବ ! ସୂର୍ଯ୍ୟର ଏଇ ସୁନ୍ଦର ଆଲୋକ, ବସନ୍ତର ଏଇ ସ୍ନିଗ୍ଧ ହିଲ୍ଲୋଳ, ପତ୍ରପୁଷ୍ପ ଭରା ଏଇ ବିଚିତ୍ର ସଂସାର, ରଙ୍ଗୀନ ଆକାଶ, ସାରା ବିଶ୍ୱ, ହାୟ ! ମୁଁ ଏ ସବୁର ବାହାରକୁ ଚାଲିଯିବି ।

ନା, ନିଜକୁ ନିଜେ ରକ୍ଷା କରିବାକୁ ହେବ । ନିଜ ଜୀବନକୁ ବଞ୍ଚାଇବାକୁ ହେବ ।

କୌଣସି ଉପାୟରେ ମୁଁ କଣ ମୃତ୍ୟୁର ଗତି ବନ୍ଦ କରି ପାରିବି ନାହିଁ ? ଓଃ, ଇଚ୍ଛା ହେଉଛି କାରାଗାରର ଏଇ କଠିନ

କାନ୍ଥରେ ମୁଣ୍ଡ ଫଟାଇ ଦିଅନ୍ତି ! ନିରାଶା ଓ କ୍ଷୋଭରେ ଫାଶୀ ଦେବାଲୋକମାନେ ହାହାକାର କରି ଉଠନ୍ତେ । ମୁଁ କେତେ ଆନନ୍ଦିତ ନ ହୁଅନ୍ତି !

ଆଚ୍ଛା ପ୍ରଥମରୁ ଥରେ ନିଜ ଅବସ୍ଥା କଥା ଭାବିନିଏ । ଆଜିକୁ ତିନି ଦିନ ହେଲା ମୋର ଶୁଣାଣି ଶେଷ ହୋଇ ଯାଇଛି । ଓକିଲ କହୁଥିଲେ, ଅପିଲ୍ କରିବା ଦରକାର । ଶେଷ ଚେଷ୍ଟା !

ଆଠଦିନ ଯାଏ ଦରଖାସ୍ତ ଏ ବଖରାରୁ ସେ ବଖରା ବୁଲିବ । ପନ୍ଦର ଦିନ ପରେ କୋର୍ଟରେ ପହଞ୍ଚିବ । ତା'ପରେ ନମ୍ବର ପଡ଼ିବ, ରେଜିଷ୍ଟରରେ ଚଢ଼ିବ । ତା'ପରେ ଯାଇ ବିଚାର ହେବ । ସେତେବେଳେ ଅପିଲ କରିବାକୁ ଅନୁମତି ମିଳିବ କି ନାହିଁ ସନ୍ଦେହ ।

ତା'ପରେ ପନ୍ଦର ଦିନଯାଏ ଅପେକ୍ଷା କରିବାକୁ ହେବ । ଅଧୀର ଭାବରେ ପ୍ରତୀକ୍ଷା କରିବାକୁ ହେବ । ପୁଣି ସେଇ ବିଚାରର ଅଭିନୟ ! ସରକାରୀ ଓକିଲ ବୁଝାଇ ଦେବ ଯେ ଏଇ କଏଦୀର ଅପରାଧ ଏଯ୍ଥା, ଅପିଲ କରିବା ତାହାର ବୋକାମୀ । ଅପରାଧ ତ ପ୍ରମାଣିତ ହୋଇ ଯାଇଚି !

ଏହିପରି ଭାବରେ ଛ'ସପ୍ତାହ ବିତିଯିବ ।

ଭାବିଲି, ଗୋଟିଏ ଉଇଲ ଲେଖିଦିଏ । କିନ୍ତୁ ନିଷ୍ଫଳ ଏଇ ଭାବନା ! ମକଦ୍ଦମାରେ ମୋର ସବୁ ସମ୍ପତ୍ତି ଶେଷ ହୋଇ ଯାଇଛି । ଯାହା କିଛି ବା ବାକୀ ଅଛି, ତାର ଉଇଲ ଲେଖି ବସିଲେ ବୋଧହୁଏ କୋର୍ଟ ସେତିକି ବି ବାଜ୍ୟାପ୍ତି କରିନେବ ।

ସଂସାରରେ ମୋର ଜଣେ ବୁଢ଼ୀ ମା' ଅଛି । ଯୁବତୀ ପତ୍ନୀ ଅଛି । ଆଉ ଗୋଟିଏ ଛୋଟ ଝିଅ ବି ଅଛି । ତିନିବର୍ଷର ଛୋଟ ଝିଅ

—ଉଣାଇଶ

ତାର ରକ୍ତିମ ଚପଲ ଓ ଠରେ ହସ ଖେଳୁଥାଏ । ଉଜ୍ଜ୍ୱଳ ନୀଳ ଆଖି, କୁଞ୍ଚିତ କେଶ, କେତୋଟି ମୁକ୍ତକେଶ ମୁଖସାରା ଖେଳୁଥାଏ, ଯେପରି ଫୁଲ ଉପରେ ଲତାର ଝାଲର ଝୁଲୁଚି ! ମୁଁ ତାକୁ ଛ'ମାସ ହେଲା ଦେଖି ନାହିଁ । ଉଃ, ଛ'ମାସ ହୋଇଗଲା !

ମୋ ମୃତ୍ୟୁରେ ତିନିଜଣ ନାରୀ ସଂସାରରେ ଅନାଥା ହେବେ । ପୁତ୍ରହୀନ, ପତିହୀନ, ପିତୃହୀନ, ତିନୋଟି ଅଭାଗିନୀ ! ଆଇନର ଏକ ଇଙ୍ଗିତରେ ତିନିଜଣଙ୍କ ଆଶ୍ରୟ ଭାଙ୍ଗିଯିବ !

ମତେ ଯେଉଁ ଦଣ୍ଡ ମିଳିଛି, ଯଦି ତାହା ଠିକ ହୁଏ, ତଥାପି ସେଇ ଅଭାଗିନୀମାନେ ତ କୌଣସି ଅପରାଧ କରି ନାହାନ୍ତି ! ସେମାନଙ୍କ ଉପରେ ଏଇ ଦଣ୍ଡ କାହିଁକି ? ସରକାର ଏହାର କି ଉତ୍ତର ଦେଇ ପାରିବ ?

ସମାଜର ଘୃଣା ସେମାନଙ୍କ ଜୀବନର ଯେଉଁ କ୍ଷତି କରିବ ତାହାପାଇଁ ତ ସରକାର କୌଣସି ବ୍ୟବସ୍ଥା କରିନାହିଁ ? ତଥାପି ଏହାର ନାମ ହେଉଚି ବିଚାର । ଏହା ହେଉଚି ବିଚାରର ସୁବ୍ୟବସ୍ଥା ! ଏଇକଥା ଭାବି ମତେ ହସ ଲାଗୁଚି ।

ବୁଢ଼ୀ ମା ପାଇଁ ମୁଁ ଦୁଃଖିତ ନୁହେଁ । ସେ ତ ସେହିପରି ଶେଯରେ ପଡ଼ି ରହିଚି । ଚିର ରୁଗ୍ଣା, ରୋଗରେ ହିଁ ତାର ଜୀବନ ପ୍ରଦୀପ ଲିଭିଯିବ । ଏଇ ଖବର ପାଇ ତା ଜୀବନର ଶେଷ ରଶ୍ମି ସଂସାରରୁ ଲିଭିଯିବ । ହିଁ, ସେ ଯଦି ପାଗଳ ହୋଇ ନଯାଏ । ଶୁଣିଛି ପାଗଳମାନେ ବହୁତ ଦିନ ବଞ୍ଚନ୍ତି । ଜୀବନ ଦୀର୍ଘ ହେଉ । ତଥାପି ମୃତ୍ୟୁ ପରି ସେଥିରେ ଶାନ୍ତି ଅଛି, ଆନନ୍ଦ ଅଛି ।

—ଛୋଡ଼ଏ—

କିନ୍ତୁ ମୋ ଝିଅ, ସେଇ ଶାନ୍ତ ଶିଶୁ, ମୋର ଅନ୍ଧାରର ମ
ମେଘ, ହସ ଖେଳ ଓ ସଙ୍ଗୀତରେ ଯିଏ ସବୁକଥା ଭୁଲିଯାଏ
ଓଃ, ଅଭାଗିନୀ ଜାଣିନାହିଁ, ତା ଉପରେ କେଉଁ ବିପଦ ଝୁଲୁଛି
ବଜ୍ରର ଲେଲିହାନ ଶିଖାରେ ତାର ଜୀବନ ଜଳିଯିବ, ଭସ୍ମ
ହୋଇଯିବ । ଓଃ, ଏଇ ଭାବନା ମୋ ଶିରା ପ୍ରଶିରାରେ ନିଆଁ
ଢାଳି ଦେଉଛି ।

ଏବେ ବି ରାତି ଶେଷ ହୋଇନାହିଁ । ଆଖିରେ ନିଦ ନାହିଁ । ଅନ୍ଧକାର ପୂର୍ଣ୍ଣ କାରାଗାର । ଚତୁର୍ଦ୍ଦିଗ ନୀରବ, ନିସ୍ପନ୍ଦ, କୌଣସି ଶବ୍ଦ ବି ଶୁଣା ଯାଉନାହିଁ । ସମୟ କଟାଇବି କିପରି ? ସମୟ ବିତାଇବାର ଉପାୟ ଏଠାରେ କାହିଁ ?

କୋଠରୀର ଗୋଟିଏ ପାଖରେ ଲ୍ୟାମ୍ପ ଜଳୁଥିଲା । ଲ୍ୟାମ୍ପ ନେଇ କାନ୍ଥର ଚତୁର୍ଦ୍ଦିଗ ଦେଖିବାରେ ଲାଗିଲି । କେଉଁଠାରେ ରନ୍ଧ୍ର ନାହିଁ ? ବାହାରର ଶୀତଳ ପବନକୁ ଭିତରକୁ ଆଣିବା ପାଇଁ ଗୋଟିଏ ଛୋଟ ବାଟ ବି ନାହିଁ ।

କାନ୍ଥରେ କେତେ ପ୍ରକାରର ମୂର୍ତ୍ତି ଅଙ୍କା ଯାଇଛି । କେତେ ଭାଷାରେ କେତେ କଥା ଲେଖା ଯାଇଛି । କେଉଁଠାରେ ଖଡ଼ିରେ ତ କେଉଁଠାରେ କୋଇଲାରେ । ଯେପରି କେଉଁମାନେ ମୋର ହତଭାଗ୍ୟ ମନର ବ୍ୟଥାକୁ ଏଇ ପଥରର କାନ୍ଥରେ ଲେଖି ଯାଇଛନ୍ତି । ସେମାନଙ୍କ ଅର୍ଥ ମୋର ସମସ୍ତ ବନ୍ଧନ ଯେପରି ତୁଟାଇ

ଦେଲା । କିନ୍ତୁ ତାଙ୍କ ସହାନୁଭୂତିର ଏକ ଶବ୍ଦ ବି ଉଚ୍ଚାରଣ କଲେ ନାହିଁ । ସାମାନ୍ୟ ପ୍ରତିଧ୍ୱନି ବି କଲା ନାହିଁ । ମୂକ ନୀରବ ପଷାଣ ସେଇପରି ନିର୍ବିକାର ଭାବରେ ଠିଆ ହୋଇ ରହିଲା । ସେମାନଙ୍କ କଣ୍ଠର ବ୍ୟାକୁଳ ଆର୍ତ୍ତନାଦ ପାଷାଣର ଦେହରେ ବାଜି ଚୂର୍ଣ୍ଣ ହୋଇଗଲା ।

ମୁଁ ସେମାନଙ୍କର ବ୍ୟଥାର ସଙ୍ଗିଣୀ ହେବାକୁ ଦେଖିବାକୁ ଲାଗିଲି । ଗୋଟିଏ ଉପାୟ ମିଳିଗଲା । ସେମାନଙ୍କ ବେଦନା ଓ ବ୍ୟଥାର ହାରକୁ ମୁଁ ଆଜି ଅଶ୍ରୁଭରା ନୟନରେ ଗଳାରେ ପିନ୍ଧିବି । ମୃତ୍ୟୁର କଥା ପୁଣି କିଛି ସମୟ ପାଇଁ ଭୁଲିଯିବି ।

ଠିକ୍ ମୋ ବିଛଣା ପାଖ କାନ୍ଥରେ ଦୁଇଟି ହୃଦୟ ଗୋଟିଏ ତୀରରେ ଗୁନ୍ଥା ହୋଇଛି । ଏହା ଏକ ଚିତ୍ର । ବୋଧହୁଏ ଶିଳ୍ପୀ ନିଜ ରକ୍ତରେ ସେଠାରେ ଲେଖି ରଙ୍ଗି ଯାଇଛନ୍ତି । "ହୃଦୟର ପ୍ରେମ ।" ବିଚରା ଏଇଠି ବସି ଦାମ୍ପତ୍ୟ ପ୍ରେମର କଥାହିଁ ଭାବୁଛନ୍ତି । ପାଖରେ କୋଇଲାରେ କିଏ ଲେଖିଛି, "ସମ୍ରାଟଙ୍କର ଜୟ ହେଉ ।" କେତେ ଆଶା ଆକାଂକ୍ଷା ଓ ଆଶ୍ୱାସନା ଏଇ ଅକ୍ଷର କେତୋଟିରେ ଭରି ନ ରହିଛି !

ଆଉ ପାଖରେ କିଏ ଲେଖିଛି, "ମୁଁ ଭାଇଆକୁ ଭଲପାଏ ।" ଏବଂ କେବଳ ଗୋଟିଏ "ଏ" ଅକ୍ଷର ଓ ଧଳା ଖଡ଼ିର ଏକ ଗାର । ଅନ୍ଧାରରେ ବି ରୁପାର ଅକ୍ଷର ପରି ତାହା ଚିକ୍ ଚିକ୍ କରୁଛି । "ଏ" ବୋଧହୁଏ ତାର ପ୍ରିୟତମା । ବୋଧହୁଏ ତାର ନାମ "ଏମା" ବା "ଏଡ୍‌ଥ" । ହାୟ, ଏଇ ଗୋଟିଏ ଅକ୍ଷରରେ ଯେପରି ଏକ ବ୍ୟଥାତୁର ଜୀବନର ଗୋଟିଏ ଦୀର୍ଘ ନିଃଶ୍ୱାସ ମିଶି ରହିଛି ।

ମୁଁ ବସି ବସି ଭାବିବାରେ ଲାଗିଲି । ମୋର ଏଇ ନିଃସଙ୍ଗ ନିର୍ଜନ ମୁହୂର୍ତ୍ତରେ ପଥରର କାନ୍ଥ ଯେପରି କରୁଣାରେ ପୂର୍ଣ୍ଣ

—ତେଇଶ—

ହୋଇ ଉଠିଲି । ତାର ପାଷାଣ ଛାତିରେ ଏତେ ମର୍ମନ୍ତୁଦ ବ୍ୟଥା, ଏତେ ଗୁପ୍ତ ବେଦନା ଚପାଇ ରଖିଥିଲା ? ଆଜି ସେଇ ହତଭାଗ୍ୟ-ମାନେ କାହାନ୍ତି ? କାହାନ୍ତି ସେମାନଙ୍କ ଭାଇଅ, ଏମା, ଏଡ଼ିଥ ? କେଉଁ ଉଦ୍ୟାନର ଅନ୍ତରାଳରେ, କେଉଁ ବାତାୟନର ପାର୍ଶ୍ୱରେ ବସି ବସି ସେ ଆକାଶକୁ ଚାହିଁ ରହୁଛି ? ତାର ଦୀର୍ଘ ନିଃଶ୍ୱାସ, ତାର ବିରହ ବ୍ୟଥା, ତାର ପ୍ରିୟ ବିଚ୍ଛେଦ, କଣ ଶେଷ ହୋଇଗଲା ? କିଏ କହିବ ?

ଲ୍ୟାମ୍ପ ଉଠାଇ ମୁଁ ଦେଖିବାରେ ଲାଗିଲି । କାନ୍ଥର ଗୋଟିଏ ପାଖରେ ଏହା କଣ ? ଏହା ତ ଫାଶୀର ଚିହ୍ନ । କିଏ ଏଇ ଚିହ୍ନ କରିଛି ? କେଉଁ ମୂର୍ଖ ମୃତ୍ୟୁକୁ ଏହିପରି ଆହ୍ୱାନ କରିଛି ? ଏହି ପୃଥିବୀ, ଏହି ଜୀବନ କଣ ତାହା ପାଇଁ ବୃଥା ହୋଇ ଯାଇଥିଲା ? ଦୁଇଟି କାଠ ସିଧା ଭାବରେ ଠିଆ ହୋଇଛି । ସେମାନଙ୍କ ଉପରେ ଆଉ ଖଣ୍ଡେ କାଠ ବନ୍ଧା ଯାଇଛି । ମଝିରେ ଦଉଡ଼ି ଝୁଲୁଛି । ମୁଁ ମନେ ମନେ ତାକୁ ଦେଖିବାକୁ ଲାଗିଲି । ମୁଣ୍ଡ ବୁଲେଇ ଦେଲା । ଲ୍ୟାମ୍ପ ହାତରୁ ଖସି ପଡ଼ିଲା । ଘର ଅନ୍ଧାର ହୋଇଗଲା । ଓହୋ, କି ଭୟଙ୍କର, କି ତୀବ୍ର ସେ ଅନ୍ଧକାର ! ଅବସନ୍ନ ହୋଇ ମୁଁ ତଳେ ବସିଗଲି ।

ପୁଣି ଦଉଣ୍ଡି ଦଉଣ୍ଡି ଶେଯ ଉପରେ ଶୋଇ ପଡ଼ିଲି । ମନ ଅସ୍ଥିର ହେଉଥିଲା । ସେଇ ପଥର କାନ୍ଥରେ ଲେଖା ହୋଇଥିବା ପ୍ରତ୍ୟେକ ଚିହ୍ନ ଓ ପ୍ରତ୍ୟେକ ଶବ୍ଦକୁ ଦେଖିବା ପାଇଁ ମନ ବ୍ୟାକୁଳ ହେଉଥିଲା ।

ଅନ୍ଧାରରେ ମୁଁ କାନ୍ଥ ଦଉଣ୍ଡିବାରେ ଲାଗିଲି । ବୁଢ଼ିଆଣୀ ଜାଲ ହାତରେ ଗୁଡ଼େଇ ହୋଇଗଲା । ହାତରୁ ଜାଲ ଛଡ଼ାଇ ପୁଣି ବିଛଣା ଉପରେ ବସିଗଲି । ନିଦ ଲାଗି ଆସିଲା, ମୁଁ ଶୋଇ

ପଡ଼ିଲି । ଯେତେବେଳେ ଆଖି ଫିଟାଇଲି, ସେତେବେଳେ କୋଠରୀ ଅଳ୍ପ ଆଲୋକିତ ହୋଇଥିଲା । ପୁଣି ଠିଆ ହୋଇ କାନ୍ଥକୁ ଦେଖିବାକୁ ଲାଗିଲି । କାନ୍ଥର ଗୋଟିଏ ସ୍ଥାନରେ ଗ୍ଟରୋଟି ନାମ ଲେଖା ହୋଇଥିଲା—ଦାନ୍ତୋ, ୧୮୧୫: ପୁଲେଁ, ୧୮୪୮: ଜନ ମାର୍ଟିନ, ୧୮୭୧: କାସ୍ତ୍ରେଙ୍ଗ, ୧୮୭୩ । ପଛୁ ପଛୁ ଗୋଟିଏ ଭୟାବହ ସ୍ମୃତି ଆଖି ଆଗରେ ନାଚି ଉଠିଲା । ଦାନ୍ତୋ ନିଜ ଭାଇର ଜୀବନ ନେଇଥିଲା । ପିଶାଚ ପୁଲେଁ ନିଜ ସ୍ତ୍ରୀକୁ ହତ୍ୟା କରିଥିଲା । ଜନ ମାର୍ଟିନ ବନ୍ଧୁକ ଗୁଳିରେ ନିଜ ବାପାଙ୍କର ମୁଣ୍ଡ ଉଡ଼ାଇ ଦେଇଥିଲା । ଏବଂ କାସ୍ତ୍ରେଙ୍ଗ—ଡାକ୍ତର କାସ୍ତ୍ରେଙ୍ଗ ନିଜର ପ୍ରିୟତମ ବନ୍ଧୁକୁ ବିଷ ଦେଇଥିଲେ ।

ମୁଁ କମ୍ପି ଉଠିଲି । ସେମାନଙ୍କ ଶେଷ ନିଃଶ୍ୱାସ ଏବେ ବି ଏଇ କୋଠରୀର ପବନରେ ମିଶି ରହିଛି । ଏଇ ଶଯ୍ୟା ଉପରେ ସେମାନେ ନିଜ ନିଜର ରକ୍ତପିପାସୁ ହୃଦୟର ଶେଷକଥା, ଶେଷ ଚିନ୍ତା କରି ଯାଇଛନ୍ତି । ଏଇଠାରେ ସେମାନେ ବି ଚଳପ୍ରଚଳ ହେଉଥିଲେ । ଆଜି ବି ସେମାନଙ୍କର ଉତ୍ତପ୍ତ ନିଃଶ୍ୱାସ ଏଇ କୋଠରୀକୁ ଉଷ୍ମ କରୁଛି ।

ତାହାପରେ ମୁଁ ସେମାନଙ୍କ ପଛେ ପଛେ ଏଠିକୁ ଆସିଛି । ସେମାନେ ଯେପରି ହାତଠାରି ମତେ ଡାକୁଛନ୍ତି । ସେମାନଙ୍କ ପାଟି ଶୁଣା ଯାଉଛି । ନୁହେଁ ? ମୁଁ ଆଖି ବୁଜି ଦେଲି । ସେମାନଙ୍କ ରୂପ ଆହୁରି ସ୍ପଷ୍ଟ ହୋଇ ଉଠିଲା ।

ଏହା କଣ ସତ୍ୟ ନା ସ୍ୱପ୍ନ ? କିମ୍ବା ମତିଭ୍ରମ ? ମୋ ପାଦରେ ପାଣି ଲାଗିଲା ପରି ଜଣା ପଡ଼ିଲା । କଣ ? ବୁଢ଼ିଆଣୀ— । ଗୋଟିଏ ବଡ଼ ବୁଢ଼ିଆଣୀକୁ ମୁଁ ପାଦରେ ମାଡ଼ି ମାରି ଦେଲି । ତା ଜାଲି ମୋ ହାତ ବାଜି ଫାଟି

ଯାଇଥିଲା । ମୋର ଚେତନା ଅସିଲା—ଏତେ ବେଳଯାଏ ମୁଁ ଅଚେତ ଥିଲି । ଛାୟାମୂର୍ତ୍ତି ମୋ ଚତୁର୍ଦ୍ଦିଗରେ ଘୂରି ବୁଲୁଛି ।

ନା, ନା, ମନକୁ ସୁସ୍ଥ ଏବଂ ସବଳ କରିବାକୁ ହେବ । ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ଯନ୍ତ୍ରଣା ଲାଗିରହୁଛି । ତା'ର କବଳରୁ ଉଦ୍ଧାର ପାଇବାକୁ ହେବ । ଦାନ୍ତ୍ରୋ ଏବଂ ପୁଲେଁ କବର ତଳେ ଶୋଇଛନ୍ତି । ସେମାନେ ଏଠାକୁ ଅସି ପାରିବେ ନାହିଁ । ନା କେବେହେଲେ ଅସି ପାରିବେ ନାହିଁ । କାହିଁକି ମୁଁ ସେମାନଙ୍କୁ ଭୟ କରୁଛି ? ଏଇ କାରାଗାରର ବାହାରକୁ ପଳାଇବା ସମ୍ଭବ ହୋଇପାରେ କିନ୍ତୁ କବର ତଳୁ ବାହାରକୁ ବାହାରିବା ନିତାନ୍ତ ଅସମ୍ଭବ । ତେବେ ଏ ଭୟ କାହିଁକି ? କାହିଁକି ଏ ବୃଥା ଭୟ ?

—ଛବିଶ—

— ୭ —

ଦିବସର ଉଜ୍ଜ୍ୱଳ ଆଲୋକ । ଚତୁର୍ଦ୍ଦିଗରୁ କୋଳାହଳର ଧ୍ୱନି ଭାସି ଆସୁଛି । ବଡ଼ ବଡ଼ ଦ୍ୱାର ଖୋଲିବା ଏବଂ ବନ୍ଦ ହେବାର ଶବ୍ଦ ଶୁଣା ଯାଉଛି । ଭିତରୁ ଝଣ ଝଣ ଶବ୍ଦ ଭାସି ଆସୁଛି । କାରାଗାରରେ ଆନନ୍ଦର ସଙ୍ଗୀତ ଶୁଣା ଯାଉଛି । ସମସ୍ତେ ଆନନ୍ଦରେ ବିଭୋର—ସଜୀବ । ତେବେ ମୋର ଏଇ ଦୁଃଖ କାହିଁକି ? ଏଇ ଉଦାସ ଭାବ କାହିଁକି ?

ପ୍ରହରୀ ଯାଉଥିଲା । ମୁଁ ତାକୁ ଡାକି ପଚାରିଲି, "ଏତେ ପାଟି ତୁଣ୍ଡ, ଗହଳି କାହିଁକି ଶୁଣା ଯାଉଛି ? ଏତେ ଖୁସିବାସି କାହିଁକି ?"

ସେ କହିଲା, "ନୂଆ କଏଦୀମାନେ ଆସିଛନ୍ତି । ସେମାନଙ୍କ ପାଦରେ ବେଡ଼ୀ ପଡ଼ିବ । ତୁମେ କଣ ଦେଖିବ ନାହିଁ ?"

ସନ୍ନ୍ୟାସୀମାନଙ୍କ ପରି ଏଇ ବୈଚିତ୍ର୍ୟ ହୀନ, ନିରାନନ୍ଦ ଓ ନିଃସଙ୍ଗ ଜୀବନ ମତେ ଦୁର୍ବହ ବୋଧ ହେଲାଣି । ଦେଖିବାର ଲୋଭ ମୁଁ ସମ୍ବରଣ କରି ପାରିଲି ନାହିଁ ।

—ସତାଇଶ—

ବନ୍ଧୁ ସାବଧାନ ସହ ପ୍ରହରୀ ମତେ ଅନ୍ୟ ଏକ କୋଠରୀକୁ ନେଇଗଲା । ବସିବା ପାଇଁ ସେଠାରେ ଗୋଟିଏ ଚେୟାର ବି ନ ଥିଲା । ହଁ, ବଡ଼ ଝରକାଟିଏ ଥିଲା । ଖୋଲା ଝରକା । ଜେଲ ମଧ୍ୟରେ ମୁଁ ଆଜି କେତେଦିନ ପରେ ଆକାଶର ଏକ ବଡ଼ ଅଂଶ ଦେଖିବାକୁ ପାଇଲି । ଓଃ, ଆକାଶ କି ସୁନ୍ଦର !

ପ୍ରହରୀ କହିଲା, "ଏଠି ମଜାରେ ବସି ଦେଖ, ରାଜା ପରି ଆରାମରେ ଦେଖି ପାରିବ । କେହି ପାଖକୁ ଆସି ଗହଳି କରିବେ ନାହିଁ ।"

ଏହା କହି ଦୁଆର ବନ୍ଦ କରି ସେ ବାହାରକୁ ଚାଲିଗଲା । ତାଲା ପକାଇବାର ଶବ୍ଦ ବି ଶୁଣାଗଲା । ଝରକା ଦେଇ ଜେଲର ବଡ଼ ଅଗଣା ପରିଷ୍କାର ରୂପେ ଦେଖା ଯାଉଥିଲା । ଅଗଣା ଚାରିପଟେ ଉଚ୍ଚ ପାଚେରୀ ଥିଲା । ଲମ୍ବା ପିଣ୍ଡା ବି ଦେଖା ଯାଉଥିଲା । ପୁଣି ଦେଖାଯାଉଥିଲା ଅସଂଖ୍ୟ ମୁଣ୍ଡ । ସମସ୍ତେ ଯାହା ଦେଖିବା ପାଇଁ ଠିଆ ହୋଇଥିଲେ । ସମସ୍ତଙ୍କ ଆଖିରେ ଆଗ୍ରହର ଚିହ୍ନ—କୌତୂହଳର ଏକ ଗଭୀର ରେଖା । ସମସ୍ତେ ନରକର ପ୍ରେତ ପରି ଆଜି ମତ୍ତ ହୋଇ ନାଚୁଛନ୍ତି । ସମସ୍ତଙ୍କ ଆଖି ଅଗଣା ଉପରେ ।

ବାର ବାଜିଲା । ଅଗଣାର ଫାଟକ ଖୋଲିଲା । ଅସଂଖ୍ୟ ନୂଆ ମୂର୍ତ୍ତି ଭିତରକୁ ପଶି ଆସିଲେ । ସାଙ୍ଗେ ସାଙ୍ଗେ ଏକ କଦର୍ଯ୍ୟ କୋଳାହଳ ଶୁଣାଗଲା । ଯେପରି ମୁହୂର୍ତ୍ତିକ ମଧ୍ୟରେ ଗୋଟିଏ ନୂଆ ଜୀବନ କାରାଗାରରେ ଖେଳିଗଲା । ଅଟ୍ଟହାସ୍ୟ ଏବଂ ଚିତ୍କାରରେ ସ୍ଥାନଟି ପୂର୍ଣ୍ଣ ହୋଇଗଲା !

କଏଦୀମାନଙ୍କ ଅନନ୍ତ ଦୃଷ୍ଟି ଏବଂ ପ୍ରହରୀମାନଙ୍କର ବୀର ଦର୍ପ—ବିଚିତ୍ର ଓ ଅଦ୍ଭୁତ ଦୃଶ୍ୟ !

•

— ଅଠାଇଶ —

କଏଦୀମାନଙ୍କ ନାମ ଡକାଗଲା । ସେମାନଙ୍କ ଅପରାଧ କଣ, ଦଣ୍ଡର ପରିମାଣ କେତେ, ସବୁ କଥା ପଚରାଗଲା । ଯାହାର ଦଣ୍ଡର ପରିମାଣ ବେଶୀ, ତା ନାମ ସହିତ ଜୟଧ୍ୱନି ହେଲା । ଦର୍ଶକମାନେ ହୃଦୟରେ ଆନନ୍ଦ ଅନୁଭବ କରୁଥିଲେ, ଯେପରିକି କଏଦୀମାନଙ୍କ ଭିତରୁ ଦଳେ ହେଉଛନ୍ତି ବିଜୟୀ ସୈନିକ ଯେଉଁମାନେ କି ବର୍ତ୍ତମାନ ଯୁଦ୍ଧଜୟ କରି ଫେରିଛନ୍ତି । ଏଇଥି-ପାଇଁ ତ ଏଇ ଆନନ୍ଦ ଆୟୋଜନ, ଏଇଥିଯୋଗୁଁ ତ ଏହି ତାଣ୍ଡବ ନୃତ୍ୟ ! ଜଣେ ଦୁଇଜଣ ଦର୍ଶକ ତ ଆନନ୍ଦ ଆତିଶଯ୍ୟରେ ହସିବାରେ ଲାଗିଲେ । ହସ ନୁହେଁ, ଚିତ୍କାର !

ଏହାପରେ କଏଦୀମାନଙ୍କ ମଧ୍ୟରେ ପରସ୍ପର ଜଣାଶୁଣାଥିବା ଲୋକ ଅଛନ୍ତି କି ନାହିଁ, ଖାନତଲାସ ହେବାକୁ ଲାଗିଲା । ଯେଉଁମାନେ ପରସ୍ପରକୁ ଚିହ୍ନନ୍ତି ସେମାନଙ୍କୁ ଭିନ୍ନ ଭିନ୍ନ ବଖରାରେ ରଖିବା ଦରକାର, ଯେପରି ସେମାନଙ୍କୁ ଶାନ୍ତି ନ ମିଳେ, ଦଣ୍ଡର କଠୋରତା ଯେପରି କୌଣସି ପ୍ରକାରେ କମି ନ ଯାଏ ।

ଚତୁର୍ଦ୍ଦିଗର ବିଚିତ୍ର କୋଲାହଳ କେଉଁ ଏକ ମାୟାଲୋକର ସଂଗୀତ ପରି ଏକ ଅଖଣ୍ଡ ରାଗିଣୀର ଝଙ୍କାର ସୃଷ୍ଟି କରୁଥିଲା । ତଥାପି ତାହା ଅର୍ଥହୀନ, ଲକ୍ଷ୍ୟହୀନ, ଉଦ୍ଦେଶ୍ୟହୀନ ସଙ୍ଗୀତ ।

ଶୀତଳ ସମୀରଣ ମୋର କେଶରାଶିକୁ ବାରମ୍ବାର ସ୍ପର୍ଶ କରି ଯାଉଥିଲା । ଏକ କ୍ଷୀଣ ଆଶା ମନର ଅନ୍ତରାଳରେ ଜାଗି ଉଠିଲା । ଏଇ ସୁନ୍ଦର ଦ୍ୱିପ୍ରହର, ମୁକ୍ତ ପବନ, ଉଦାର ଆକାଶ— ଏଇ ତ ହେଉଚି ଜୀବନ । ଏହାଠାରୁ ଦୂରରେ ରହିବା...ଓଃ ଏହା କଣ ମୃତ୍ୟୁ ?

—ଅଣଚରଣ—

ହଠାତ୍ ପବନ ପରି ସୂର୍ଯ୍ୟର କିରଣ ବି ଲୁଚିଗଲା । କିଏ ଯେପରି ଗୋଟିଏ କଳା ପର୍ଦ୍ଦାରେ ସୂର୍ଯ୍ୟକୁ ଢାଙ୍କି ଦେଲା । ଖଣ୍ଡେ ମେଘ ଆସି ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି କଲା । ସ୍ୱପ୍ନର କୁହୁକ ଜାଲ ପରି ଏକ ଛାୟା ଆସି ସୂର୍ଯ୍ୟର କିରଣକୁ ବନ୍ଦ କରିଦେଲା । ହଠାତ୍ ବର୍ଷା ହେବାକୁ ଲାଗିଲା । ଅଗଣାରୁ ଦର୍ଶକମାନେ ଘୁଞ୍ଚିଗଲେ । କେବଳ ନୀଡ଼ ହରା ପକ୍ଷୀମାନଙ୍କ ପରି କଏଦୀମାନେ ଅସହାୟ ଭାବରେ ବର୍ଷାରେ ଭିଜିବାକୁ ଲାଗିଲେ । ଜଣେ ଦୁଇଜଣ ଶୀତରେ କମ୍ପିବାକୁ ଲାଗିଲେ । କଣ ହେଲା— ସେମାନେ ପରା କଏଦୀ ! ସୁଖ ସହିତ ସେମାନଙ୍କର କୌଣସି ସମ୍ବନ୍ଧ ନାହିଁ ।

ଯେତେବେଳେ ବର୍ଷା ବନ୍ଦ ହୋଇଗଲା, ସେତେବେଳେ ପୁଣି ସାଙ୍କୁଳରେ ସମସ୍ତଙ୍କୁ ବାନ୍ଧି ଦିଆଗଲା । ଗୋଡ଼ରେ ବେଡ଼ୀ ପଡ଼ିଲା । କେହି କେହି କାନ୍ଦି କାନ୍ଦି ତଳେ ଲୋଟିଗଲେ । ଏକ ଆର୍ତ୍ତନାଦର ସ୍ୱର ! ତଥାପି କୋରଡ଼ାରେ ସମସ୍ତଙ୍କୁ ଚୁପ କରି ଦିଆଗଲା । ଇସ୍ କି ପିଶାଚ ଏମାନେ !

ମେଘ ଘୁଞ୍ଚିଗଲା । ସୂର୍ଯ୍ୟର କିରଣ ହସିବାକୁ ଲାଗିଲା । ଯେପରି କଳାପର୍ଦ୍ଦାକୁ ଦୁଇ ହାତରେ ଘୁଞ୍ଚାଇ ସେ ବାହାରକୁ ବାହାରିଛି—ଏଇ ଯାହା ଦେଖିବା ପାଇଁ ! ଭିତରୁ କଏଦୀମାନେ ପୁଣି ବାହାରକୁ ଆସିଲେ । କିଏ ହୁଇସିଲ୍ ବଜାଉଥାଏ ତ ଆଉ କିଏ ଗୀତ ଗାଉଥାଏ ।

ଏବେ ଖାଇବା ସମୟ । ଖାଇବା ଜିନିଷ ସବୁ ଆସିଗଲା । ବଡ଼ ବଡ଼ ବାଲଟି, ଭିତରେ ମାଟିଆ ଫିକା ରଙ୍ଗର ତରଳ ପଦାର୍ଥ । ସ୍ୱାଦ ନାହିଁ, ଗନ୍ଧ ନାହିଁ ! ଭୁକ୍ତଭୋଗୀମାନଙ୍କୁ ତାର ସ୍ୱାଦୁ ବେଶ ଜଣା ।

—ତିରିଶ—

ତଥାପି ସେମାନେ—ବଟେସ୍ ଅଭିଭାବମାନେ ତୃପ୍ତି ସହ ତାକୁ ଖାଇବାକୁ ଲାଗିଲେ । ଓଃ, ସେ କି ଆନନ୍ଦ !

ଆଗ୍ରହର ସହିତ ମୁଁ ସବୁ ଦେଖୁଥିଲି । ନିଜର ଅବସ୍ଥା ଭୁଲିଗଲି । ଦୟାରେ ମନ ପୂରି ଉଠିଲା । ନୟନ ଅଶ୍ରୁ ସଜଳ ହେଲା ।

ହଠାତ୍ ଶୁଣାଗଲା, "ଉଠ, ଚାଲ ।"

କଏଦୀମାନଙ୍କ ମଧ୍ୟରେ କୋଳାହଳ ଲାଗିଗଲା । ସେମାନେ ସମସ୍ତେ ଠିଆ ହେଲେ । ଧାଡ଼ିବାନ୍ଧି ଚାଲିବାକୁ ଲାଗିଲେ ।

ମୋ ଝରକା ପାଖ ଦେଇ ସେମାନେ ସମସ୍ତେ ଯାଉଥିଲେ । ମତେ ଦେଖି ସେମାନେ ରହିଗଲେ । ମୋ ଛାତି କମ୍ପିବାକୁ ଲାଗିଲା । ମୁଁ କଣ ଚିଡ଼ିଆଖାନାର ଗୋଟିଏ ଜନ୍ତୁ ଯେ, ମତେ ଏହିପରି ସେମାନେ ଅନେଇ ରହିଛନ୍ତି ?

ଜଣେ କହିଲା, "ହେଇ ଦେଖ ଫାଶୀ ଅସାମୀ । ଇଏ ଫାଶୀ ପାଇବ ।" ସଙ୍ଗେ ସଙ୍ଗେ ଏକ କୁତ୍ସିତ ହସର ଲହରୀ । ଓଃ, ଅସଂଖ୍ୟ ପଶୁ । ହୃଦୟହୀନ ପଶୁ !

ମୋ ମୁଣ୍ଡ ଘୂରିଗଲା । ଯେପରି କି ମୁଁ ଶୂନ୍ୟରେ ଝୁଲୁଛି ରହିଛି ।

ସେମାନେ କିପରି ଜାଣି ପାରିଲେ ଯେ ମତେ ଫାଶୀଦଣ୍ଡ ମିଳିଯାଇଛି ବୋଲି ?

"ଅଚ୍ଛା, ଶେଷ ପ୍ରଣାମ ଭାଇ !" ଜଣଙ୍କ ପରେ ସେମାନେ ପାଟିକରି ଉଠିଲେ । ଜଣେ କହିଲା, "ଆମ ଠାରୁ ତ ଭଲ, ଶୀଘ୍ର ଛୁଟି ମିଳିଯିବ । ମୁଁ ତ ଚାରିବର୍ଷ ଏଠି ଭୋଗିବି ।"

—ଏକତିରିଶ—

ମୋର ଚେତନା ଲୋପ ହୋଇ ଆସୁଥିଲା । ହାଲିବା ପାଇ ବି ଶକ୍ତି ନ ଥିଲା । ଆଖି ଆଗରେ ନଦୀର ସ୍ରୋତ ପରି କଏଦୀ ଦଳ ଗ୍ଲାଲିଗଲେ ।

ହଠାତ୍ ଚେତନା ଆସିଲା । ମୁ ଶିହରି ଉଠିଲି । ଭାବିଲି, ଏଇ ଝରକାର ଆର ପାଖେ କେତେ ଆଲୋକ, କେତେ ଆନନ୍ଦ— ଆଉ ଏଇ ଭିତରେ ଆଲୋକ ବାୟୁ ଓ ପ୍ରାଣ ସବୁ ରୁଦ୍ଧ ! ଯଦି ଏଇ ରେଲିଂ ନ ଥାନ୍ତା !

ରେଲିଂକୁ ଧରି ପ୍ରାଣପଣେ ହଲାଇବାକୁ ଲାଗିଲି । ଟିକିଏ ସୁଦ୍ଧା ବି ହଲିଲା ନାହିଁ । କେବଳ ଆଘାତ ହିଁ ସାର ହେଲା । ମୁଁ କ୍ରୋଧରେ ଗର୍ଜି ଉଠିଲି । ମୋର ଅନ୍ତର ଯେପରି ଖଣ୍ଡ ଖଣ୍ଡ ହୋଇ ବିଦୀର୍ଣ୍ଣ ହୋଇଗଲା ।

ଦୂରରୁ କୋଳାହଳର ଏକ ଅସ୍ପଷ୍ଟ ଧ୍ୱନି ଭାସି ଆସୁଥିଲା । ମୁଁ ସେଠାରେ ଅବସନ୍ନ ହୋଇ ବସି ପଡ଼ିଲି । ଦୂରର କୋଳାହଳ ଧୀରେ ଧୀରେ କ୍ଷୀଣ ହୋଇ ଆସିଲା । ମୋ ଜୀବନ ଉପରେ କିଏ ଯେପରି କଳା ପର୍ଦ୍ଦା ଧୀରେ ଧୀରେ ପକାଇ ଦେଲା । ମୁଁ ମୂର୍ଚ୍ଛିତ ହୋଇ ଢଳି ପଡ଼ିଲି ।

—ଜୀବଣ—

ଯେତେବେଳେ ମୁଁ ଆଖି ଖୋଲିଲି, ସେତେବେଳକୁ ସଞ୍ଜ ହୋଇ ଯାଇଥିଲା । ଫିକା ଖଟ ଉପରେ ମୁଁ ଶୋଇଥିଲି । ଲାମ୍ପ ଜଳୁଥିଲା । ବଖରାଟି ଖୁବ୍ ବଡ଼ । ଖଟ ସବୁ ଧାଡ଼ି ଧାଡ଼ି ହୋଇ ବିଛା ଯାଇଛି । ମୁଁ ଜାଣି ପାରିଲି ଯେ ମୁଁ ଡାକ୍ତରଖାନାକୁ ଆସିଛି । ଚତୁର୍ଦ୍ଦିଗ ନିସ୍ପନ୍ଦ ଓ ଶାନ୍ତ !

କେତେ ସମୟ ପର୍ଯ୍ୟନ୍ତ ମୋର କିଛି ମନେ ପଡ଼ିଲା ନାହିଁ । ଶୋଇ ତ ନଥିଲି, କିନ୍ତୁ ଚେତନା ନଥିଲା ।

ଆଗେ ଜେଲ୍‌ଖାନାର ଏଇ ଡାକ୍ତରଖାନାକୁ ମୁଁ କେବେ ଘୃଣା କରୁ ନଥିଲି ! କିନ୍ତୁ ମୁଁ ଆଜି ସେଇ ମଣିଷ ହୋଇ ନାହିଁ । ମଇଳା ଚଦର । ରୋଗର ଅସହ୍ୟନୀୟ ଦୁର୍ଗନ୍ଧ ! ଚତୁର୍ଦ୍ଦିଗରେ ଏକ ଅଶାନ୍ତିର ବାତାବରଣ, ଏକ ଭୟାବହ ବିଭୀଷିକା ! ମୁଁ ଆଖି ବନ୍ଦ କରିଦେଲି । ନିଦ୍ରାର ଶୀତଳ ସ୍ପର୍ଶରେ ସବୁ ଯନ୍ତ୍ରଣା ଭୁଲିଗଲି ।

—ଚେତନା—

ହଠାତ୍ ନିଦ ଭାଙ୍ଗିଗଲା । ଦେଖିଲି ଦିନ ହୋଇଗଲାଣି । ବାହାରେ କୋଳାହଳ ଶୁଣା ଯାଉଚି । ମୋ ଖଟ ଝରକା ପାଖରେ ପଡ଼ିଥିଲା । ଝରକା ଦେଇ ବାହାରକୁ ମୁଁ ଚାହିଁଲି । କଏଦୀମାନେ କାମକୁ ଯିବା ପାଇଁ ସଜ ହେଉଛନ୍ତି । ସେମାନଙ୍କ ଲୁହା ଶିକୁଳିର ଝଣ୍ ଝଣ୍ ଶବ୍ଦ ଭଲ ରୂପେ ଶୁଣା ଯାଉଛି । ଶୁଣିଲି, ସକାଳେ ଜଣେ ଲୋକ ଫାଶୀ ପାଇଚି । ଅଗ୍ରହୀ ଦର୍ଶକମାନେ ଫାଶୀ ଦେଖିସାରି ପାଟି କରୁଛନ୍ତି । ନିର୍ଲଜମାନଙ୍କୁ ପାଟି କରିବା ପାଇଁ ଲଜ ମାଡ଼ୁ ନାହିଁ ? ଜଣେ ଲୋକର ଜୀବନ ଚାଲିଗଲା ଅଥଚ ଏମାନେ ଆନନ୍ଦରେ ପାଟି କରୁଛନ୍ତି ? ଏମାନଙ୍କ ଉପରେ ପଡ଼ିବା ପାଇଁ ଆକାଶରେ କଣ ବଜ୍ର ନାହିଁ ?

—ଉଣତିରିଶ—

## —୯—

ମୁଁ ଖୁବ୍ ଶୀଘ୍ର ଭଲ ହୋଇଗଲି । ମୋର ଭାଗ୍ୟ ଏହୁପର ଖରାପ ! ମତେ ଡାକ୍ତରଖାନା ଛାଡ଼ିବାକୁ ପଡ଼ିଲା । ପୁଣି ଜେଲର ସେଇ ବନ୍ଦ କୋଠରୀ, ଯାହା ମୋ ଦୀର୍ଘ ନିଃଶ୍ୱାସର ତପ୍ତ ବାୟୁରେ ପୂର୍ଣ୍ଣ ହୋଇଛି, ଚତୁର୍ଦ୍ଦିଗରେ ଯାହାର ନିରାଶା ଓ ବିଷାଦର ବିମର୍ଷ ଭାବ—ସେଇ କୋଠରୀରେ ଜୀବନର ଶେଷ ମୁହୂର୍ତ୍ତି କେତୋଟିକୁ ଗଣିବାକୁ ପଡ଼ିବ ।

କୌଣସି କାରଣ ନାହିଁ ! ଏଇ ତରୁଣ ସୁସ୍ଥ ଏବଂ ସବଳ ଦେହ—ରୋଗରେ କାହିଁକି ତାହା ଜୀର୍ଣ୍ଣ ହେବାକୁ ଲାଗିଲା ? ଶିରା ପ୍ରଶିରାରେ ଉତ୍ତପ୍ତ ରକ୍ତର ପ୍ରଖର ସ୍ରୋତ ଚାଲିଛି । ଏଇପରି ବୁଦ୍ଧି, ଏଇପରି ସ୍ୱାସ୍ଥ୍ୟ—ମନ ପୁଣି କାହିଁକି ମୁହୂର୍ତ୍ତିକୁ ମୁହୂର୍ତ୍ତି ବିଚଳିତ ହୋଇ ଯାଉଛି ? କାହିଁକି ଜଳି ଯାଉଛି ?

ଡାକ୍ତରଖାନାରୁ ଫେରିବା ପରେ କେବଳ ଗୋଟିଏ କଥା କେତେବେଳେ କେମିତି ମନେପଡ଼େ । ସେଠାରୁ ପଳାଇଯିବା

ପାଇଁ ବେଶ ସୁବିଧା ଥିଲା । ସେଇ ସୁବିଧାକୁ ମୁଁ ମୂର୍ଖ କାହିଁକି ଛାଡ଼ିଦେଲି ? କେଡ଼େ ସୁନ୍ଦର ସୁବିଧା ମିଳିଥିଲା । ରଜନୀର ନିର୍ଜ୍ଜନ ଅନ୍ଧାରରେ ଚୁପ୍‌ଚାପ ଖସିଯିବା ପରେ—ମୁଁ କଣ ସ୍ୱାଧୀନତାର ଉଦାର ରାଜ୍ୟରେ ପହଞ୍ଚିଥାନ୍ତି ? ମୁଣ୍ଡ ଭିତରେ ଶିରା ପ୍ରଶିରା ଧକ୍ ଧକ୍ କରୁଛନ୍ତି । ମୁଣ୍ଡ ବୁଲାଇ ଦେଲା ।

ଯଦି ପଳାଇଥାନ୍ତି । ସେମାନଙ୍କର କି କ୍ଷତି ହୋଇଥାନ୍ତା ? ଅପିଲ୍‌ରେ ଯଦି ଖସିଯାଏ ? କିନ୍ତୁ ସେ ସମ୍ଭାବନା କାହିଁ ? ସାକ୍ଷୀମାନେ ଯେଉଁ ଶପଥ ନେଇଛନ୍ତି—ବିଚାର ସଂପୂର୍ଣ୍ଣ ହୋଇ ଯାଇଛି—ଶେଷ ହୋଇ ଯାଇଛି । ଏବେ ଅପିଲ୍ କରି ଲାଭ କଣ ? କିଛି ନାହିଁ । ହାୟ, ସବୁ ନିଷ୍ଫଳ, ବ୍ୟର୍ଥ । ମୋର ଭାଗ୍ୟରେ ରହିଛି ଫାଶୀର ଦଉଡ଼ି । ଅପିଲର ଆଶା ? ସେ ଆଶା ଖୁବ୍ କମ ।

ଯଦି ଆଜି କ୍ଷମା ମିଳିଯାଏ । କ୍ଷମା ? କାହିଁକି ମିଳିବ ? ଅସଂଖ୍ୟ ହତଭାଗ୍ୟ ବୋଙ୍ଗ ବୋଛି, ଲୁହା ଶିକୁଳି ପକାଇ ଜେଲରେ ସଢ଼ୁଛନ୍ତି—ପଚା ଖାଦ୍ୟ ଖାଇ ପେଟର ଜ୍ୱାଳା ଶାନ୍ତ କରୁଛନ୍ତି । ସେମାନଙ୍କର ପରିବାର କାହାନ୍ତି ? କେଉଁଠି ଅଛନ୍ତି ସେମାନଙ୍କର ବନ୍ଧୁ ? ସେମାନଙ୍କ ଘରର ଅବସ୍ଥା କଣ ହୋଇଛି ? ସେମାନେ ଏଇ ଯନ୍ତ୍ରଣାକୁ ଆଗ ପରି ସମାନ ଭାବରେ ଭୋଗିବେ ଆଉ ମତେ କ୍ଷମା ଦିଆଯିବ, ମୁଁ ଆନନ୍ଦରେ ଘରକୁ ଫେରିଯିବି । କାହିଁକି ? କେଉଁଥି ପାଇଁ ସେମାନେ ମତେ କ୍ଷମା ଦେବେ ? ଦେଶବାସୀ ଏଇ ଅନ୍ୟାୟକୁ ଦେଖି କଣ କହିବେ ? ନା, କ୍ଷମା ନାହିଁ, ଫାଶୀ ହିଁ ମୋର ମୁକ୍ତିର ଏକମାତ୍ର ପଥ ।

ହଁ ଯଦି ପଳାଇ ଯାଇଥାନ୍ତି । କେତେ ସବୁଜ କ୍ଷେତ୍ର, କେତେ ପର୍ବତ, ସବୁଜ ବନାନୀ, ନଦନଦୀ ଅତିକ୍ରମ କରି କେଉଁ ଅଜଣା ଦେଶକୁ ଚାଲି ଯାଇଥାନ୍ତି । କାହାକୁ ଅଭି ଦେଖି

ନଥାନ୍ତି, କାହା ଦ୍ୱାରରେ ଅଟକି ନ ଥାନ୍ତି । କେଉଁ ଘରେ ହେଲେ ଭିକ ବି ମାଗି ନ ଥାନ୍ତି । ଗଛର ଫଳରେ କ୍ଷୁଧା ନିବାରଣ, ନଦୀର ଜଳରେ ତୃଷା ନିବାରଣ, ପକ୍ଷୀମାନଙ୍କ ସଙ୍ଗୀତରେ ବିଶ୍ରାମ, ତରୁତଳରେ ନିଦ୍ରା । ପଲ୍ଲୀରେ ? ନା— ଯଦି କେହି ସନ୍ଦେହ କରେ ? ଯଦି ଧରେ ? ମୁଁ ସତରେ କଣ ପଳାଇଥାନ୍ତି ? ସେଥିରେ ତ ସେମାନଙ୍କର ସନ୍ଦେହ ବଢ଼ି ଯାଆନ୍ତା । ଧୀରେ ଧୀରେ ନିଷ୍ଚିନ୍ତ ଭାବରେ କେତେ ସହର ଗାଁ ଡେଇଁ ଯାଇଥାନ୍ତି । ଗୋଟିଏ ଛଦ୍ମବେଶ କେଉଁଠାରୁ ନେଇଥାନ୍ତି । ଆମ ଗାଁ ପାଖରେ ସେଇ ଯେଉଁ ଜଙ୍ଗଲ ଅଛି, ସେଠି ଯାଇ ପ୍ରଥମେ ବିଶ୍ରାମ ନିଅନ୍ତି । ସେଇ ଜଙ୍ଗଲରେ ମୁଁ କେତେ ରାତି ଉଜାଗରରେ ବିତାଇ ଦେଇଛି । କେତେଦିନ ସେଠାରେ ଖେଳି ଖେଳି କଟାଇଛି । ପିଲାଦିନେ ସାଙ୍ଗମାନଙ୍କ ସାଥିରେ ଲୁଚକାଳି ଖେଳୁଚି । ହସ, ଥଟ୍ଟା, ଖେଳ । ଓଃ, କି ସୁନ୍ଦର ପିଲାଦିନର ସେଇ ସବୁ ଦିନ । ସେଇ ଅତୀତର ଗୋଟିଏ ଅଂଶ ଆଜି ଯଦି ମତେ ମିଳିଯାନ୍ତା ।

ହଁ, ପୁଣି ଯେତେବେଳେ ଅନ୍ଧାର ହୋଇଯାନ୍ତା, ସେତେବେଳେ ସଡ଼କକୁ ଆସନ୍ତି, ଭିନ୍‌ସେନ ଯାଆନ୍ତି । ନା, ଭିନ୍‌ସେନ କିପରି ଯାଇପାରନ୍ତି ? ବାଟରେ ବଡ଼ ବଡ଼ ନଦୀ ଅଛି । ପାରି ହେବା କଷ୍ଟ । ତାହାହେଲେ ଆପଜିନ ଯାଆନ୍ତି । ନା, ବୋଧହୁଏ ଜର୍ମାନୀ ଯିବା ଠିକ୍ ହୁଅନ୍ତା—ସେଠାରୁ ହେମର, ହେମରରୁ ଇଂଲଣ୍ଡ । କିନ୍ତୁ ଯଦି ସେଇ ସମୟରେ ପୁଲିସ ଧରନ୍ତା, ପାସପୋର୍ଟ ମାଗନ୍ତା ? ବଡ଼ ବିପଦ ।

ହାୟ, ହତଭାଗ୍ୟ ମୁଁ । ଏସବୁ ମୁଁ କାହିଁକି ଭାବୁଚି ; ଜନ୍ମିପୂରେ ମୋଟା ଏଇ କାନ୍ଥକୁ ଲଙ୍ଘିବା କଣ ସମ୍ଭବ ? ଓହୋ,

—ସଇଁତିରିଶ—

କୌଣସି ବାଟ ନାହିଁ—ନାହିଁ । ମୃତ୍ୟୁହିଁ ଏବେ ମୋର ସାଥି ହେବ ।

ସେଇ ପିଲାଦିନ କଥା ମନେ ପଡ଼ୁଛି । ସେତେବେଳେ ମୁଁ ଛୋଟ ପିଲା । ଏଇ ଜେଲରେ ଫାଶୀ ଦେଖିବା ପାଇଁ ଆସିଥିଲି । ଓଃ, କି ଭିଡ଼ ହୋଇଥିଲା ସେଦିନ ! ଆଜି ଆଜି ?

— ଅଠରେଣ —

## —୧୦—

ଏବେ ସକାଳ ହେବ । ଗୀର୍ଜ୍ଜାର ବଡ଼ ଘଣ୍ଟାରେ ଠଣ୍ ଠଣ୍ ହୋଇ ଛ' ବାଜିଗଲା ।

ପ୍ରହରୀ ଆସି ମୁଣ୍ଡରୁ ପଗଡ଼ି ବାହାର କରି ସଲାମ କଲା । ନରମ ଭାବରେ ପଚାରିଲା, "ଆପଣଙ୍କ ଖାଇବା ପାଇଁ କଣ କିଛି ଆଣିବି ?"

ଆଶ୍ଚର୍ଯ୍ୟ ! ଏପରି ବିନୟ ବ୍ୟବହାର ! ମୋର ସାରା ଦେହ ଥରି ଉଠିଲା । ତେବେ କଣ ଆଜି ?

ହଁ, ଆଜି । ମୋର କଣ କଣ ଦରକାର ତାହା ଜାଣିବା ପାଇଁ ଜେଲର ସ୍ୱୟଂ ଆସିଥିଲେ । ପଚାରିଥିଲେ, "ଆପଣଙ୍କ ପ୍ରତି କେହି ଖରାପ ବ୍ୟବହାର କରି ନାହିଁ ତ ? କପଡ଼ା ଅଛନ୍ତି ? ରାତିରେ ଭଲ ନିଦ ହେଉଛି ତ ?" କଥା ପଦକେ ମହାଶୟ, ଆପଣ କହି ସେ ସମ୍ବୋଧନ କରୁଥିଲେ । ଆଜି, ଆଜି କୌଣସି

ସନ୍ଦେହ ନାହିଁ । ତେବେ ଅଜ ହେଉଛି ସେଇ ସ୍ମରଣୀୟ ଦିନ, ଯେଉଁ ଦିନର କଥା ମୁହୂର୍ତ୍ତିକ ପାଇଁ ବି ଭୁଲିଯାଇ ନାହିଁ !

ଜେଲରର କମ୍ବା ତାଙ୍କର କର୍ମଚାରୀମାନେ, କପର ଭୁଲ କର ପାରନ୍ତେ ? ମୋ ପ୍ରତି ଖରାପ ବ୍ୟବହାର କପର କର ପାରନ୍ତେ ? ହସିବାର କଥା । ସେମାନେ କେବଳ ତାଙ୍କର କର୍ତ୍ତବ୍ୟ ପୂରଣ କର ଯାଉଛନ୍ତି । ସାବଧାନ ସହିତ ମୋର ଯତ୍ନ ନେଉଛନ୍ତି । ମୋ ପ୍ରତି କେହି ଖରାପ ଆଚରଣ କରୁ ନାହାନ୍ତି । ମତେ ସେଇଥିରେ ସନ୍ତୋଷ ଦେବାକୁ ହେବ ।

ଆଜ ଏଇ ଜେଲରେ—ସେ ଭାର ଭଲ ମଣିଷ । ଭାର ମିଠା ମିଠା କଥା, ମଧୁର ବ୍ୟବହାର...ହାଃ – ହାଃ – ହାଃ... ଦୀର୍ଘ ବଳିଷ୍ଠ ବାହୁ ! କାରାଗାରର ସେମାନେ ଗୋଟିଏ ଗୋଟିଏ ପ୍ରତିବିମ୍ବ ! ମନେ ହେଉଛି ସେମାନେ ଯେପରି ଗୋଟିଏ ଗୋଟିଏ ଜୀବନ୍ତ ଜେଲଖାନା । ଏଠାର ପ୍ରତ୍ୟେକ ବସ୍ତୁ ଜେଲଖାନାର ଏକ ଏକ ରୂପାନ୍ତର । ପ୍ରହରୀ, ଲୁହାର ଜେଲ, ପଥରର କାନ୍ଥ—ସବୁ । ଭୁବି ଏବଂ ତାଲା ପର୍ଯ୍ୟନ୍ତ ଜୀବିତ ପରି ମନେ ହେଉଛନ୍ତି । ସମସ୍ତେ ଏକକ ମତେ ପ୍ରହରୀ ଦେଉଛନ୍ତି । ଆଜ ଏଇ କାରାଗାର— ନିଷ୍ଠୁର କାରାଗୃହ, ଅର୍ଦ୍ଧ ପଥର ଏବଂ ଅର୍ଦ୍ଧ ମାନବ ଦେହ ବିଶିଷ୍ଟ—ମତେ ନିବିଡ଼ ଭାବରେ ସେ ବାନ୍ଧି ରଖିଛି । ଲୁହାର ହୃଦୟ ନେଇ ମତେ ଆଲିଙ୍ଗନ କରିବା ପାଇଁ ଆସୁଛି । ଦରିଦ୍ର, ହତଭାଗ୍ୟ ମୁଁ । ମତେ କାହିଁକି ଥଟ୍ଟା କରୁଛ ?

— ସ୍ଟଲଣ —

ହୃଦୟ ଶାନ୍ତ । ବର୍ତ୍ତମାନ କୌଣସି ଭାବନା ନାହିଁ । ଦ୍ୱ
ବ ନାହିଁ । ଜେଲର ଆସି ଦେଖିଗଲେ । ତାଙ୍କ ସହିତ ସାକ୍ଷା
ହେବା ପରେ ମୁଁ ବେଶ୍ ଭଲ ଅଛି । ପ୍ରଥମେ ମନରେ ଯେଉଁ ସ
ଅଛାଥିଲା, ତାହା ବର୍ତ୍ତମାନ ମୁଁ ଛାଡ଼ି ଦେଲିଣି । ଏହା କେବ
ତାଙ୍କ ଯୋଗୁଁ ସମ୍ଭବ ହେଲା ।

ସାଢ଼େ ଛ କିମ୍ବା ଛ'ଟା ପଇଁ ଗୁଳାଶ ହେବ । ହଠା
ମୋ କୋଠରୀର ଦ୍ୱାର ଖୋଲିଗଲା । ଜଣେ ବୃଦ୍ଧ ଲୋକ
ଯାହାଙ୍କର ସବୁ ବାଳ ପାଚି ଯାଇଛି, ମୋ ଘର ଭିତରକୁ ପ
ଆସିଲେ । ବଡ଼ କଳା କୋଟଟି ସେ ଖୋଲି ଦେଇ ବସିଗଲେ
ବେଶଭୂଷାରୁ ଜାଣିଲି ସେ ବୋଧହୁଏ ଜଣେ ପୁରୋହିତ ।

ମୋ ଆଗରେ ସେ ବସିଆନ୍ତି । ମୁହଁ ବୁଲାଇ ସେ ଅଜାଣ
ଚାହିଁଲେ । ସେହି ଚାହାଣୀର ଅର୍ଥ ମୁଁ ବୁଝି ପାରିଲି ।
ପଚାରିଲେ, "ତୁମେ କଣ ବାପ ପ୍ରସ୍ତୁତ ହୋଇ ଯାଇଚ ?"

—ଏକଗୁଳାଶ

ଶାନ୍ତ ଭାବରେ ମୁଁ ଉତ୍ତର ଦେଲି, "ନାହିଁ, ପ୍ରସ୍ତୁତ ତ ହୋଇନାହିଁ···ତଥାପି, ହଁ, ବର୍ତ୍ତମାନ ଯିବା ପାଇଁ ପ୍ରସ୍ତୁତ ଅଛି ।"

ମୋ କପାଳରେ ଝାଳ ବିନ୍ଦୁ ବିନ୍ଦୁ ହୋଇ ଦେଖା ଦେଲା । ପ୍ରସ୍ତୁତ, ଏକଦମ ପ୍ରସ୍ତୁତ । କିନ୍ତୁ କାହିଁକି ? ମୋ ଛାତି କମ୍ପି ଉଠିଲା । ଛାତି ମଧ୍ୟରେ ଯେପରି ଗୋଟାଏ ଅଦ୍ଭୁତ ଶବ୍ଦ ହେବାକୁ ଲାଗିଲା ।

ପୁରୋହିତ କଣ ସବୁ କହୁଥାନ୍ତି । ତାଙ୍କ ଓଠ ଥରୁଥାଏ । ହାତ, ପାଦ ଓ ବେକ ବି ତା ସଙ୍ଗେ ସଙ୍ଗେ ଥରୁଥାଏ । ସେ କଣ କହୁଥାନ୍ତି ମୁଁ ଜାଣେ ନାହିଁ, କାରଣ କୌଣସି କଥା ମୁଁ ଶୁଣି ପାରୁନାହିଁ ।

ପୁଣି ଦ୍ୱାର ଖୋଲିଲା । ସ୍ୱୟଂ ଜେଲ୍‌ର ଅଧ୍ୟକ୍ଷ । ଦେହରେ ଗୋଟିଏ ଲମ୍ବା କଳା କୋଟ, ହାତରେ ଲଫାଫା । ମୁହଁରେ ସେ ଦୁଃଖର ଭାବ ଫୁଟାଇବା ପାଇଁ ଚେଷ୍ଟା କରୁଥାନ୍ତି ।

ଅଧ୍ୟକ୍ଷ କହିଲେ, "ଅଦାଲତରୁ ଖବର ଆସିଛି ।" ଯେପରି ଏକ ବିଜୁଳି ମୋର ସାରା ଶରୀରରେ ଖେଳିଗଲା ।

ମୁଁ ପଚାରିଲି, "କଣ କହିଲେ ? ଅଦାଲତ ମୋର ମୁଣ୍ଡ ଏବେ ମାଗୁଛି ? ତାହା ତ ଗୌରବର କଥା । ମୋର ଏଇ ମୁଣ୍ଡଟା ପାଇଁ ସରକାରୀ ଓକିଲଙ୍କର ଖୁବ୍ ଲୋଭ ଅଛି—ଏକଥା ମୁଁ ଜାଣେ । ହଁ, ମୁଁ ତ ପ୍ରସ୍ତୁତ ଅଛି ।"

—ତପସ୍ୱିନୀ—

ସେ ଲଫାପା ଖୋଲି କାଗଜ ପଢ଼ିବାକୁ ଲଗିଲେ । ସେଇ ଅଦାଲତର ଜଟିଳ ଭାଷା—ବିକଟ ଅଜବ ଦୀର୍ଘ ଶବ୍ଦର ଝଙ୍କାର—ଯାହାର ଅର୍ଥ ସହଜରେ ବୁଝି ହୁଏନା । ଅଧଘଣ୍ଟାଏ ପର୍ଯ୍ୟନ୍ତ କାଗଜକୁ ଘସ ଘସ କରିବା ପରେ ତାର ଅର୍ଥ ମୁଁ ବୁଝି ପାରିଲି । ମୋର ଅପିଲ୍ ମଞ୍ଜୁର ହୋଇନାହିଁ । ଠିକ୍ କଥା ।

କାଗଜକୁ ନେସହୃପର ଗୁହିଁ ସେ କହିଲେ—"ପ୍ଲେ ଗ୍ରେଭ୍‌ରେ ଫାଶୀ ଦିଆଯିବ । ସାଢ଼େ ସାତଟାରେ ଆମେ ସବୁ କାଁସିଅରଜାସି ଜେଲକୁ ଯିବୁ । ଦୟାକରି ଆପଣ ଆମ ସାଙ୍ଗେ ଗ୍ଲଲନ୍ତୁ ।"

ଅଳ୍ପ ସମୟ ଯାଏ ମୁଁ ଚୁପ୍ ରହିଲି । କୌଣସି କଥା କହିଲି ନାହିଁ । ଜେଲ୍‌ର ଅଧ୍ୟକ୍ଷ ପୁରୋହିତଙ୍କ ସଙ୍ଗେ କଣ ସବୁ କଥାବାର୍ତ୍ତା ହେଉଥାନ୍ତି । ଦେଶ ବିଦେଶର ଖବର ଚର୍ଚ୍ଚା ବି ଗ୍ଲଲିଥାଏ । ସେମାନେ ସେ ଚର୍ଚ୍ଚାରେ ତନ୍ମୟ ହୋଇ ପଡ଼ୁଥାନ୍ତି ।

ଠିକ୍ ଏଇ ସମୟରେ ଦ୍ୱାର ଖୋଲି ଗ୍ରିଜଣ ସଶସ୍ତ୍ର ପ୍ରହରୀ ଘର ଭିତରକୁ ପଶି ଆସିଲେ । ସେମାନେ ଦେଖିବାକୁ ସାକ୍ଷାତ ଯମଦୂତ । ସଲାମ ପକାଇ ସେମାନେ କହିଲେ, "ସମୟ ହୋଇ ଗଲାଣି ।"

ମୁଁ କହିଲି, "ମୁଁ ପ୍ରସ୍ତୁତ ଅଛି । ଗ୍ଲଲନ୍ତୁ ।"

ସେମାନେ କହିଲେ, "ଅଧଘଣ୍ଟାଏ ଭିତରେ ବାହାରିବାକୁ ପଡ଼ିବ ।" କହି ସାରି ସେମାନେ ଗ୍ଲଲିଗଲେ ।

ଥରେ ମାତ୍ର ଶେଷ ଚେଷ୍ଟା । ଭଗବାନ, ସତରେ କଣ ଆଉ କୌଣସି ଆଶା ନାହିଁ ?

—ଚେପାଲଣ

ପଳେଇଯିବି ହଁ, ? ସେମିତି ହେଲେ ପଳେଇଯିବାକୁ ହେବ। ଦ୍ୱାର, ଝରକା, ଛାତ ସବୁ ଟପି ପଳେଇଯିବାକୁ ହେବ। ଯଦି ଦେହର ନିଃଶ୍ୱାସକୁ ବି ଛାଡ଼ିଦେଇ ଯିବାକୁ ହୁଏତ, ଛାଡ଼ିଯିବାକୁ ହେବ। କେବଳ ହାଡ଼ ମାଳକୁ ଧରି ମୁଁ ପଳେଇ ଯିବି।

ଯଦି କୌଣସି ଯନ୍ତ୍ର କିମ୍ବା ଅସ୍ତ୍ର ମିଳି ଯାଆନ୍ତା। ରାକ୍ଷସ ପରି ମୁ ସମସ୍ତଙ୍କୁ ଶେଷ କରି ଯେପରି ହେଲେ ବି— । କିନ୍ତୁ ମୋ ହାତରେ ଟିକିଏ କାଠ ଖଣ୍ଡେ ବି ନାହିଁ। ପଳେଇଯିବି ? ଅଣା ନାହିଁ।

—ରଜନୀକାନ୍ତ—

ମୁଁ କାସିଅରଜାରୀ ଜେଲକୁ ଆସିଛି । ନିଜ ଇଚ୍ଛାରେ ନୁହେଁ, ସରକାରୀ ହୁକୁମରେ, ସରକାରୀ ଦୂତମାନଙ୍କ କଡ଼ା ପହରାରେ । ରାସ୍ତାର କଥା କହିବି ? ଶୁଣ ତେବେ ।

ସାଢ଼େ ସାତଟାରେ ପ୍ରହରୀ ଆସି ମତେ ସଲାମ ପକାଇ କହିଲା, "ଆଜ୍ଞା ମୋ ସାଙ୍ଗରେ ଆସନ୍ତୁ ।"

ଅଦବକାଏଦାରେ କୌଣସି ତ୍ରୁଟି ନ ଥିଲା । ମୁଁ ତା ସାଥିରେ ଚାଲିଲି । ମୁଣ୍ଡ ଭାରି ଭାରି ଲାଗୁଥିଲା । ପାଦ ଏପରି ଦୁର୍ବଳ ଥିଲା ଯେ ଚାଲିବା ଅସମ୍ଭବ ମନେ ହେଉଥିଲା । ତଥାପି ମୁଁ ଚାଲିଲି । ବାହାରି ପାଖରୁ ମୁଁ ଥରେ ନିଜ ନିର୍ଜନ କୋଠରୀକୁ ଦେଖି ନେଲି । ଏତେଦିନର ଅଶ୍ରୁସ୍ଥଳୀ । ମମତା ଲାଗି ଯାଇଥିଲା । ଆଜି ସେଇ କୋଠରୀକୁ ମୁଁ ଖାଲିକରି ଚାଲିଲି । ବେଶୀ ଡେରି ହେବ ନାହିଁ । ସଂଧ୍ୟା ବେଳକୁ ନିଶ୍ଚୟ କେହି ନୂଆ

—ପଞ୍ଚସ୍ଥଳଣ—

ଅତିଥି ଏଇ କୋଠରୀକୁ ଆସିଯିବେ ! ବାଃ, ବିଧାତାର କି ବିଧାନ !

ଅଗଣା ଆଗରେ ପୁରୋହିତ ବସିଥିଲେ । ସେ ନିଜର ଖାଇବା କଥା ଭାବୁଥିଲେ । ଜେଲର ଅଧ୍ୟକ୍ଷ ଆସି-ମୋ ହାତକୁ ଧରି ହଲାଇ ଦେଲେ । ଗୃହରକ୍ଷୀ ପ୍ରହରୀଙ୍କର ନଜର ବନ୍ଦୀରେ ମୁଁ ଚାଲିଲି ।

ଡାକ୍ତରଖାନା ନିକଟରେ ଜଣେ ଲୋକ ମତେ ଧକ୍କା ଦେଲା । ସେତେବେଳେ ଅଗଣା ମଝିରେ ମୁଁ ଠିଆ ହୋଇଥିଲି । ବେଶ୍ ଭଲ ଲାଗୁଥିଲା । କିନ୍ତୁ କେତେବେଳ ଯାଏ ?

ବାହାରେ ଗାଡ଼ି ଠିଆ ହୋଇଛି । ସେଇ ଗାଡ଼ିରେ ବସି ମୁଁ ଏଠାକୁ ଆସିଥିଲି । ବେଶ୍ ଲମ୍ବା ଗାଡ଼ି । ଲୁହା ରେଲିଂ ଦେଇ ଗାଡ଼ିକୁ ଦୁଇ ଭାଗରେ ବିଭକ୍ତ କରା ହୋଇଥିଲା । ଜଣାଯାଉଛି ଯେପରି କିଏ ଲୁହାର ବୁଢ଼ୀଆଣୀ ଜାଲ ବୁଣିଛି । ପ୍ରତ୍ୟେକ ଭାଗ ପାଇଁ ପୃଥକ ପୃଥକ ଦୁଆର । ଗୋଟିଏ ଆଗରେ, ଆଉ ଅନ୍ୟଟି ପଛରେ । ଗାଡ଼ି ଭିତର ଅନ୍ଧାରୁଆ ହୋଇଥିଲା । ଧୂଳି ଓ ମଇଳାରେ ଗାଡ଼ିଟି ମଧ୍ୟ ଭର୍ତ୍ତି ହୋଇଥିଲା । ଏହାଠାରୁ ଜେଲ-ଖାନାର ସେଇ କୋଠରୀ ଯଥେଷ୍ଟ ଭଲ । ଏଇ କବରରେ ଭର୍ତ୍ତି ହେବା ଆଗରୁ ମୁଁ ଥରେ ଚତୁର୍ଦ୍ଦିଗ ଭଲଭାବରେ ଦେଖିନେଲି । ଏଇ ମୁକ୍ତ ଆକାଶର ସ୍ମୃତିକୁ ନେଇ ଅନ୍ଧକାରର ସମୁଦ୍ରରେ ମୁଁ ଝାସ ଦେବି । ଦୁଆର ଆଗରେ ଧାଡ଼ି ଧାଡ଼ି ହୋଇ ଲୋକ ଠିଆ ହୋଇଥାନ୍ତି । ଝିପ୍ ଝିପ୍ ହୋଇ ବର୍ଷା ପକାଉଥାଏ । ମନେ ହେଉଥାଏ, ଯେପରି ଏ ବର୍ଷା ଦିନ ତମାମ ଚାଲିବ । ରାସ୍ତା ଘାଟ କାଦୁଅରେ ପୂର୍ଣ୍ଣ । ଚତୁର୍ଦ୍ଦିଗରେ ଏକ ଉଦାସ ଭାବ ।

— ଛୟାଳିଶ –

ଗାଡ଼ିରେ ଚଢ଼ିଲି । ଆଗ ପାଖେ ସଶସ୍ତ୍ର ପ୍ରହରୀମାନେ ଓ ପୁରୋହିତ ମହାଶୟ ଏବଂ ପଛ ପାଖେ ଏକାକୀ ମୁଁ ।

ଗାଡ଼ି ସଙ୍ଗେ ସ୍ତ୍ରୀବର୍ଜଣ ସଶସ୍ତ୍ର ଘୋଡ଼ା ସବାର ଚାଲିଲେ । ଚତୁର୍ଦ୍ଦିଗରେ ଏଇପରି ସଶସ୍ତ୍ର ସିପାହୀ—ଯେପରି ମୁଁ ଜଣେ ବାଦସାହା !

ଗାଡ଼ି ଚାଲିଲା । ବର୍ଷାରେ ସଡ଼କ ଧୋଇ ହୋଇଯାଇ ପଥର ସବୁ ଦେଖା ଯାଉଥାଏ । ଘୋଡ଼ାମାନଙ୍କ ନାଲ ପଥରରେ ବାଜି ଖଟ୍ ଖଟ୍ ଶବ୍ଦ କରୁଥାଏ ।

ଜେଲ ଫାଟକ ସଶବ୍ଦରେ ବନ୍ଦ ହୋଇଗଲା । ସେ ଶବ୍ଦ ମୁଁ ବି ଶୁଣି ପାରିଲି । ସେତେବେଳେ ମୁଁ ଯେପରି ତନ୍ଦ୍ରାଚ୍ଛନ୍ନ ଥିଲି । କୌଣସି ଭୟ କିମ୍ବା ଚିନ୍ତା ମତେ ସ୍ପର୍ଶ କରୁ ନ ଥିଲା—ମନେ ହେଉଥିଲା ଯେପରି ମତେ କିଏ କବରରେ ଜୀବନ୍ତ ସମାଧି ଦେଉଛି ! ଘୋଡ଼ାମାନଙ୍କ ବେକରେ ଘଣ୍ଟି ବନ୍ଧା ହୋଇଥାଏ । ଗାଡ଼ିର ଚକ ଓ ଘୋଡ଼ାମାନଙ୍କ ନାଲର ଶବ୍ଦ ମିଶି ଏକ ବିଚିତ୍ର ଶବ୍ଦ ଶୁଣା ଯାଉଥାଏ । ମନେ ହେଉଥାଏ ଯେପରି ଝିଙ୍ଗୁର ପୃଷ୍ଠରେ ବସି ମୁଁ କେଉଁଆଡ଼େ ଯାଉଛି—କେଉଁ ଅଜଣା ଦେଶକୁ, କେଉଁ ସ୍ୱପ୍ନର ରାଜ୍ୟକୁ, ବୋଧହୁଏ କେଉଁ ଏକ ସୁକୁମାରୀ ରାଜକନ୍ୟାର ସନ୍ଧାନରେ ।

ଗାଡ଼ି ଭିତରର ଛିଦ୍ର ଦେଇ ମୁଁ ବାହାରକୁ ଚାହିଁଥାଏ । ଗୋଟିଏ ସ୍ଥାନରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିଲା "ବୃଦ୍ଧମାନଙ୍କ ପାଇଁ ଡାକ୍ତରଖାନା ।" ଏଇ ସଂସାରରେ ଲୋକମାନଙ୍କୁ ବୁଢା ହେବାପାଇଁ ବି ସମୟ ମିଳୁଛି । ଆଶ୍ଚର୍ଯ୍ୟର କଥା । ମୋର ଏଇ ଯୌବନ । ଅଚ୍ଛା, ସେ କଥା ଛାଡ଼ ।

—ସତଚାଳିଶ—

ଗାଡ଼ି ଧୁଉଛି । ଦୂରରୁ ନୋଟ୍‌ରେଡ଼ାମର ସ୍ତମ୍ଭମାନ ଦେଖା ଯାଉଛି । ପ୍ୟାରିସକୁ ଭେଦ୍ଧ ଗଗନସ୍ପର୍ଶୀ ଗମ୍ବୁଜ ଉଠିଛି । ମୁଁ ଭାବିଲି, "ଚତୁର୍ଦ୍ଦିଗ ଥରେ ବାହାରୁ ଦେଖିନେଲେ ଭଲ ହେବ ।"

ପୁରୋହିତ କଥା କହିବାକୁ ଆରମ୍ଭ କଲେ । ସେ ଖୁବ କହିବାରେ ଲାଗିଥାନ୍ତି । ତାଙ୍କୁ ବାଧା ଦେବା ପାଇଁ ଡ ଚେଷ୍ଟା ନାହାନ୍ତି । ପୁରୋହିତଙ୍କ ସ୍ୱର ଠାରୁ ଘୋଡ଼ାମାନଙ୍କ ନାଲର ଶବ୍ଦ ବେଶୀ ମଧୁର ପରି ଜଣା ପଡ଼ୁଥାଏ । ତାଙ୍କ କଥା ଶୁଣିବା ପାଇଁ ମୋର ସମୟ କାହିଁ ? ରାସ୍ତା ଉପରୁ କୋଳାହଳ ଶୁଣା ଯାଉଥାଏ ।

ସବୁ ଶବ୍ଦ ଶୁଣି ପାରୁଥାଏ । କିନ୍ତୁ ସ୍ୱତନ୍ତ୍ର ଭାବରେ ନୁହେଁ, —ଏକ ଅଦ୍ଭୁତ ମିଶ୍ର ରାଗିଣୀ, କିମ୍ବା ଯେପରି ଝରଣାର ଝରଝର କଳକଳ ଶବ୍ଦ ।

ପୁରୋହିତଙ୍କ କଥା ହଠାତ୍ ଶୁଣି ପାରିଲି । ସେ କହୁଥାନ୍ତି—"କି କଦର୍ଯ୍ୟ ଏଇ ଗାଡ଼ି ! ପଦେ କଥା ବି କୁହାଇ ଦେଉନାହିଁ ।"

ତାଙ୍କ କଥା ଠିକ୍, ଏକଦମ ଠିକ୍ ।

ପୁରୋହିତ କହିଲେ, "ତୁମେ ବୋଧହୁଏ ମୋ କଥା ଶୁଣି ପାରୁନାହିଁ ? ହିଁ, କଣ କହୁଥିଲି ? ଆଜି ପ୍ୟାରିସରେ ଏତେ ଗୋଳମାଳ କାହିଁକି ହେଉଛି ଜାଣିଛ ?"

ମୁଁ ଚମକି ପଡ଼ିଲି । କଣ କିଛି ନୂଆ ଖବର ଅଛି ? ବୋଧହୁଏ ମୋର ଫାଶୀ ହୁକୁମ ଶୁଣି ସେଠାରେ ଗୋଳମାଳ ଆରମ୍ଭ ହୋଇ ଯାଇଛି ।

—ଅଠଚାଳିଶ—

ପୁରୋହିତ କହିବାରେ ଲାଗିଲେ, "ସଂଧ୍ୟା ଆଗରୁ ଖବର କାଗଜ ପଢ଼ିବାକୁ ଫୁରୁସତ ମିଳିବ ନାହିଁ । ପ୍ରତିଦିନ ସଂଧ୍ୟାବେଳେ ମୁଁ ଖବର କାଗଜ ପଢ଼େ । ରାତିରେ ଶୋଇବା ପର୍ଯ୍ୟନ୍ତ ଖବର ମିଳିଯାଏ । ଗୋଟିଏ ସୁଦ୍ଧା ଖବର ମୁଁ ନ ପଢ଼ି ଛାଡ଼େ ନାହିଁ ।"

ଏତେବେଳଯାଏ ପ୍ରଧାନ ପ୍ରହରୀ ଚୁପ ହୋଇ ବସିଥିଲା । ସେ କହିଲା, "ଭାରି ମଜା କଥା । ଆପଣ ଏତେବେଳଯାଏଁ ଶୁଣି ନାହାନ୍ତି ?"

ମୁଁ କହିଲି, "ମୁଁ ଜାଣେ ।"

ସେ କହିଲା, "ଆପଣ ଜାଣିଛନ୍ତି ? ଅଷ୍ଟୁର୍ଯ୍ୟର କଥା କହିଲେ ଦେଖି ।"

"ଶୁଣିବାକୁ ଚାହଁ ?"

"ନିଶ୍ଚୟ । ପ୍ରତ୍ୟେକ ଲୋକ ଦେଶ ବିଷୟରେ ଆଲୋଚନା କରିପାରେ । ସିଏ ଯିଏ ମନେ ସିଏ ହେଉ । ଆପଣ କଏଦୀ ହେଲେ କଣ ହେଲା ? ମୁଁ ସୈନ୍ୟ ବିଭାଗରେ ଥିଲି । ପିଲାଦିନେ ମୁଁ କାପ୍‌ଟେନ ହୋଇଥିଲି । ସେତେବେଳେ ବେଶ ଖୁସିରେ ଥିଲି ।"

ମୁଁ ଛେପ ଢୋକି କହିଲି, "ସେ କଥା ନୁହେଁ । ମୁଁ ଅନ୍ୟ ଗୋଟିଏ କଥା ଭାବୁଛି ।"

ସେ କହିଲା, "ଅନ୍ୟ କି କଥା ? ଆପଣ କଣ କହୁଛନ୍ତି ? ଆପଣ କିପରି ଜାଣିଲେ ? କିଏ ଆପଣଙ୍କୁ କହିଲା ? ଖବର କଣ, କହିଲେ ।"

ପୁରୋହିତ ପଚାରିଲେ, "ତୁମେ କଣ ଭାବୁଛ ?"

ମୁଁ କହିଲି, "ସଂଧ୍ୟା ହେବା ପରେ ମୋର ଅନ୍ୟ କିଛି ଭାବିବାକୁ ନ ଥିବ । ଏହି କଥା ମୁଁ ଭାବୁଛି ।"

—ଅଣରୁଣ—

ପୁରୋହିତ ପୁଣି କହିଲେ, "ଓଃ ! କି ଦୁଃଖର ବିଷୟ ! ତୁମେ ଖୁବ୍ ବେଶୀ ଚିନ୍ତା କରୁଛ ! ହୃଦୟରେ ସାହସ ବାନ୍ଧ । ମନ ଦମ୍ଭ କର ।"

ପ୍ରଧାନ ପ୍ରହରୀ କହିଲା, "ଆପଣ ଭାରି ଦୁଃଖ କରୁଛନ୍ତି ବୋଲି ଜଣା ପଡ଼ୁଛି । କାପ୍ତେନ୍ଙ୍କୁ ଯେତେବେଳେ ମୁଁ ଏଠାକୁ ଆଣିଥିଲି, ସେ ବାଟସାରା ହସି ହସି ଆସିଥିଲେ ।"

ସେ ନିଜ ଅଙ୍ଗେ ଲିଭିଥିବା କଥା କହିବାରେ ଲାଗିଲା । "ପାପାମା ବି ମୋ ସଙ୍ଗେ ଆସିଥିଲେ । ବାଟସାରା ଖାଲି ଚାକୁଟି ଠାଣି ଠାଣି ସେ ଆସିଥିଲେ । ରୁବେଲ୍‌ର ସେଇ ବାଘୁଆ ଟୋକା ଏମିତି ହସି ହସି ପାଟି କରି କରି ଆସିଥିଲା ଯେ ସେକଥା କହନ୍ତୁ ନାହିଁ—"

ପୁରୋହିତ କହିଲେ, "କଷ୍ଟ ସହିବା ଏବଂ ଦୁଃଖ କରିବା ଏକପ୍ରକାର ପାଗଳାମି । ନିର୍ବୁଦ୍ଧିଆମାନଙ୍କ କାମ । ତଥାପି ଆପଣ ଭାରି ଦୁଃଖିତ ଥିବାର ଜଣାଯାଉଛି । ଆପଣଙ୍କର ଅତି ଅଳ୍ପ ବୟସ ।"

ମୁଁ ଚିତ୍କାର କରି ଉଠିଲି, "ଅଳ୍ପ ବୟସ ? ଆପଣ କଣ କହୁଛନ୍ତି ? ଆପଣଙ୍କଠାରୁ ମୋ ବୟସ ବେଶୀ । ମୋ ବୟସ ତ ପ୍ରତି ଘଣ୍ଟାରେ ଦଶ ବର୍ଷ କରି ବଢ଼ିବାରେ ଲାଗିଛି ।"

ପୁରୋହିତ ହସି ହସି କହିଲେ, "କାହିଁକି ଏତେ ଥଟ୍ଟା କରିଲ ? ମୋ ବୟସ ଆପଣଙ୍କ ଅଜାଙ୍କ ବୟସ ସଙ୍ଗେ ସମାନ ହେବ ।"

ମୁଁ ଗମ୍ଭୀର ହୋଇ କହିଲି, "ଆପଣ ଥଟ୍ଟା କରୁଛନ୍ତି, ମୁଁ ଠିକ୍ କହୁଛି ।"

—ପଚ୍ଛଣ—

ପୁରୋହିତ ନାସଦାନି ଖୋଲି ଖୋଲି ମୋ ଆଡ଼େ କହିଲେ, "ବିରକ୍ତ ହେବନାହିଁ ଭାଇ—"

ମୁ କହିଲି, "ନା, ନା । ବିରକ୍ତ ହେବାର କାରଣ କଣ ଅଛି ?

ଏଇ ସମୟରେ ଧକ୍କା ଲାଗି ତାଙ୍କର ନାସଦାନି ଓଲଟିପଡ଼ି ତଳେ ପଡ଼ିଗଲା । ନାସତକ ତଳେ ବିଞ୍ଚି ହୋଇଗଲା । ବ୍ୟସ୍ତ ହୋଇ ଖାଲି ଦାନି ତକ୍ଷ ଗୋଟାଇ ପୁରୋହିତ କହିଲେ, "ହେ ଭଗବାନ ! ସବୁ ନାସ ତ ଢାଳି ହୋଇଗଲା, ମୁଁ ଏବେ କଣ କରିବି ?"

ମୁଁ କହିଲି, "କଣ ଆଉ କରିବେ ? ଦୁଃଖ କଣ ! ଆରାମ, ସୁଖ ସବୁ ତୁଚ୍ଛ । ମୋ ଆଡ଼କୁ ଅନାନ୍ତୁ, ଆପଣ ଶାନ୍ତି ପାଇବେ ।"

ପୁରୋହିତ ଗର୍ଜି ଉଠିଲେ, "ରଖ ହେ ତମର ଅଛା ! ଭାରି ତୁଚ୍ଛ କରିବାବାଲା । ତୁମର ଦୁଃଖ କଣ ? ମୁଁ ବୁଢ଼ା ମଣିଷ । ରହିଗଲିଣି । ନାସ ଟିକିଏ ନାହିଁ । ଏତେବାଟ କିପରି କଟିବ ?"

ଦେଖିଲ ତ ପୁରୋହିତଙ୍କ କଥା । ମୋ ଦୁଃଖ ଠାରୁ ତାଙ୍କ ଦୁଃଖ ବେଶୀ, କାରଣ ତାଙ୍କ ନାସ ଢାଳିଗଲା । କି ସ୍ୱାର୍ଥାନ୍ଧ ଏହି ପୁରୋହିତଗଣ !

ନାସ ଦୁଃଖରେ ପୁରୋହିତ ମହାଶୟ ଚୁପ୍ ହୋଇ ବସିଗଲେ । ସେ ଚୁପ୍ ହୋଇଗଲେ । ଗାଡ଼ି ଭିତର ନୀରବ ହେଲା । ଘର୍ ଘର୍ ଶବ୍ଦ କରି ଗାଡ଼ି ଆଗ ପରି ଚାଲିବାକୁ ଲାଗିଲା ।

—ଏକାଦିନ—

ଶେଷରେ ଗାଡ଼ି ଆସି ମାହାସୁଲ ଘର ପାଖେ ଅଟକିଲା । କର୍ମଚାରୀମାନେ ଆସି ଗାଡ଼ି ଭିତର ପରୀକ୍ଷା କରି ଚାଲିଗଲେ । ଯଦି ମୁଁ ମେଣ୍ଢା କମ୍ବା ଛେଳି ହୋଇଥାନ୍ତି ତେବେ ସେମାନଙ୍କୁ ଦକ୍ଷିଣା ଦେବାକୁ ପଡ଼ିଥାନ୍ତା । କିନ୍ତୁ ବଡ଼ ଦୁଃଖର କଥା, ମୁଁ ମଣିଷ, ବିନା ମାହାସୁଲରେ ଛାଡ଼ ପାଇଗଲି ।

ତା ପରେ ଗାଡ଼ି କେତେ ଗୋଟି ବଡ଼ ଅଙ୍କା ବଙ୍କା ରାସ୍ତା ଉପରେ ଘୁରି ଘୁରି ପ୍ରଶସ୍ତ ରାଜପଥରେ ଆସି ପହଞ୍ଚିଲା । ଏହା ସିଧା କାଁସିଅରଜାରୀକୁ ପଡ଼ୁଛି । ରାସ୍ତା ଉପରେ ଲୋକେ ଅବାକ୍ ହୋଇ ଗାଡ଼ିକୁ ଚାହିଁଥାନ୍ତି । ଖବର କାଗଜ ବିକାଳି ଏପଟେ ସେପଟେ ଦୌଡ଼ୁଥାନ୍ତି ।

ସାଢ଼େ ଅଠଟା ବେଳେ ମୁଁ କାଁସିଅରଜାରିରେ ପହଞ୍ଚିଲି । ଆଗରେ ବିରାଟ ଜେଲଖାନା । ବିଶାଳ ଲୁହା ଫାଟକ ଦେଖି ମୋର ରକ୍ତ ଶୀତଳ ହୋଇଗଲା । ଗାଡ଼ି ଅଟକିଲା । ମନେ ହେଲା, ମୋର ହୃତ୍‌ସ୍ପନ୍ଦନ ଯେପରି ହଠାତ୍ ବନ୍ଦ ହୋଇ ଯାଇଛି ।

ସାହସ କରି କୌଣସି ମତେ ମୁଁ ଓହ୍ଲାଇବା ପାଇଁ ସଜ ହେଲି । ଗାଡ଼ିର ଦୁଆର ବି ଏତିକିବେଳେ ଖୋଲିଗଲା । ଗାଡ଼ିର ଅନ୍ଧାରୀ କୋଠରୀ ଭିତରୁ ମୁଁ ତଳକୁ ଡେଇଁ ପଡ଼ିଲି । ଦୁଇଜଣ ପ୍ରହରୀ ମୋର ଦୁଇ ହାତ ଧରି ପକାଇଲେ । ଦୁଇ ଦଳ ସୈନ୍ୟ ଧାଡ଼ି ବାନ୍ଧି ଠିଆ ହୋଇଥାନ୍ତି । ସେମାନଙ୍କ ମଝିରେ ମୁଁ ଚାଲିବାକୁ ଆରମ୍ଭ କଲି । ମତେ ଦେଖିବା ପାଇ ବାହାରେ ଅସମ୍ଭବ ଭିଡ଼ ।

— ବାଉନ —

—୧୩—

ସେଇ ସୈନ୍ୟବାହିନୀ ମଧ୍ୟରେ ଚାଲିଲାବେଳେ ଖୁବ୍ ଭଲ ଲାଗୁଥାଏ । ମନେ ହେଉ ଥାଏ ମୁଁ ଯେପରି ସ୍ୱାଧୀନ, କଏଦୀ ନୁହେଁ । କିନ୍ତୁ ଯେତେବେଳେ ସିଡ଼ି ପାର ହୋଇ ସେଇ ଅନ୍ଧକାରାବୃତ କୋଠରୀରେ ପହଞ୍ଚିଲି ସେତେବେଳେ ବିରକ୍ତି ଓ ଅବସାଦ ଆସି ମତେ ଆଚ୍ଛନ୍ନ କରିଦେଲା ।

ପ୍ରହରୀ ବରାବର ସାଙ୍ଗେ ସାଙ୍ଗେ ଆସୁଥାଏ । ପୁରୋହିତ ଆପଣେ ଦୁଇଘଣ୍ଟା ପରେ ଫେରିବେ ବୋଲି କହି ଦେଇ କେଉଁଆଡ଼େ ଚାଲିଗଲେ । କିଏ ଜାଣେ ତାଙ୍କର କି କି କାମ କରିବାକୁ ଅଛି ?

ମୁଁ ଜେଲରଙ୍କ କୋଠରୀକୁ ଆସିଲି । ତାଙ୍କ ହାତରେ ପ୍ରହରୀ ମତେ ସମର୍ପଣ କରି ଦେଲା । ମୁଁ ହସିଲି । ମୋର କେତେବଡ଼ ପ୍ରିୟ ବନ୍ଧୁଙ୍କ ହାତରେ ସେ ମୋତେ ସମର୍ପି ଦେଲା !

—ଭୋଜନ—

ଜେଲର ମହାଶୟ ସେଇ ସମୟରେ ଭାରି ବ୍ୟସ୍ତ ରହିଥାନ୍ତି । ପ୍ରହରୀକୁ ସେ କହିଲେ, "ଟିକିଏ ରହ, ମୁଁ ବର୍ତ୍ତମାନ ସବୁ ଗଣି ନେଉଛି ।"

ଠିକ୍ କଥା । ଜମାଖର୍ଚ୍ଚ ଖାତାରେ ହିସାବ ଜମିଲାଇ ସେ କେମିତି ଜଣେ ମଣିଷକୁ ଖାତାରେ ଜମା କରି ପାରିବେ ? ସେତିକିବେଳେ ସେ କୌଣସି ଜଣେ ହତଭାଗ୍ୟ କଏଦୀର ଭାଗ୍ୟଲିପି ଉପରେ ଝୁଙ୍କି ପଡ଼ିଥାନ୍ତି ।

ପ୍ରହରୀ କହିଲା,"ଆଜ୍ଞା, ସେତେବେଳ ଯାଏ ମୁଁ ବି ଟିକିଏ କାଗଜ ଦେଖି ନିଏ ।"

କାଗଜର ଲଫାପାଟିଏ ବାହାର କରି ପ୍ରହରୀ ପଢ଼ିବାରେ ଲାଗିଗଲା । ମୁଁ ସେ ଘରର କୋଣରେ ଠିଆ ହୋଇ ରହିଲି । ମୋଟା ଲୁହା ରେଲିଂ ଦେଇ ଆକାଶ ଆଖିରେ ପଡ଼ୁଥାଏ— । ଆକାଶରେ କିଏ ଯେପରି ଏକ ରଙ୍ଗ ବୋଳି ଦେଇଛି ! ଉଜ୍ଜ୍ୱଳ ନୀଳ ଆକାଶ ! ଆହା !

ଉପରକୁ ମୁଁ ଏକ ଲୟରେ ଚାହିଁଥାଏ । ଭାବୁଥାଏ, ମୁଁ ଏଠି ଠିଆ ହୋଇଛି, ଆଉ ମୋ ସ୍ତ୍ରୀ ଓ ଝିଅ ? ସେମାନେ ବି ଏଇ ଆକାଶର ତଳେ ରହିଛନ୍ତି । ଜାଣେ ନା ଏ ଜୀବନରେ ସେମାନଙ୍କ ସହିତ କେବେ ସାକ୍ଷାତ ହେବ କି ନାହିଁ !

ପ୍ରହରୀ ମତେ ନିକଟରେ ଥିବା ଗୋଟିଏ କୋଠରୀକୁ ନେଇ ଗଲା । କୋଠରୀଟି ଅନ୍ଧାରରେ ପୂର୍ଣ୍ଣ । ଝରକା ଦୁଇଟି ଲୁହା ଜାଲରେ ଘେରା । ଗୋଟିଏ ଝରକା ପାଖରେ ଆସି ମୁଁ ବସିଗଲି ।

କେତେବେଳ ଯାଏଁ ବସିଲି, ଠିକ୍ ମନେ ନାହିଁ । ହଠାତ୍ କାହାର ଅଟ୍ଟହାସ୍ୟ ମୋର ଧ୍ୟାନ ଭାଙ୍ଗିଦେଲା । ମୁଁ ମୁହଁ ବୁଲାଇ

ପଛକୁ ଗୁହିଁଲି । ଆଉ ଜଣେ ସଣ୍ଢ଼ା ବୟସ କୋଡ଼ିଏ ପଚିଶରୁ ବେଶୀ । ପିଠି ଲଗିଁ ଯାଇଛି । ବାଳ ପାଚି ଯାଇଛି । ଖୁବ୍ ବଢ଼ୁଆ ବୋଲି ଜଣା ଯାଉଥାଏ । ଅଙ୍ଗ ଓ ମୁହଁରେ ବାଳକୋଚିତ ଭାବ । ତାକୁ ଦେଖି ଭୟ ଲଗିଲା ।

ମୁଁ ତାକୁ ପ୍ରଥମେ ଦେଖି ପାରି ନଥିଲି, ସେ ସେଇ କୋଠରିରେ ବସିଥିଲା । ଆଶ୍ଚର୍ଯ୍ୟ ! ଇଏ କଣ ମୃତ୍ୟୁ ? ଆଜି ଏପରି ବେଶରେ ମତେ ପ୍ରସ୍ତୁତ କରିବା ପାଇଁ ଆସିଛି ?

ସେ କହିଲା, "ଆରେ, କେଉଁ ଚିନ୍ତାରେ ତୁମେ ଏମିତି ମଜ୍ଜି ଯାଇଛ ? କେତେବେଳୁ ବସିଲିଣି, ମତେ ଦେଖି ବି ପାରିଲ ନାହିଁ ? ତୁମ ନାଁ କଣ ହୋ ?"

ମୁଁ କିଛି କହିଲି ନାହିଁ । କେବଳ ମୁଁ ତାକୁ ଦେଖିବାରେ ଲଗିଲି ।

ସେ କହିଲା, "ମତେ ଆଉ କଣ ଦେଖୁଛ ? ମୁଁ ଗୋଟାଏ ଲଗେଜ୍—ଷ୍ଟେସନର ମୋହର ମୋ ଉପରେ ବସି ସାରିଲଣି । ଏବେ ରେଲ ଆସିବାଯାଏ ଯାଏ ଯାହା ଡେରି ।"

ବେଶ୍ ରସିକ ଲୋକଟା । ମୁଁ ପଚାରିଲି, "ମାନେ ?"

ସେ ହୋ ହୋ ହୋଇ ହସି ଉଠିଲା । ମୁଁ ଡରିଗଲି । ସେ କହିବାରେ ଲଗିଲା, "ତା ଅର୍ଥ କଣ ବୁଝି ପାରିଲ ନାହିଁ ? ଅତି ସାଧାରଣ କଥା । ଆଉ ମାତ୍ର ଛ' ସପ୍ତାହ ପରେ ମତେ ଏଇ ଦୁନିଆର ଆର ପାରିକୁ ପଠାଇ ଦିଆଯିବ । ଏଥିପାଇଁ ଏବେ ମୋ ଉପରେ ସ୍ଟେସନର ମୋହର ଲଗା ହୋଇ ସାରିଲଣି । ଏହା କହିବାର ଅର୍ଥ ହେଉଛି—ଛ' ଘଣ୍ଟା ପରେ ତୁମର ଯେଉଁ ଦଶା ହେବ, ଛ'ସପ୍ତାହ ପରେ ମୋର ବି ସେଇ ଦଶା ହେବ । ଏବେ ବୁଝି ପାରିଲ ତ ମୁଁ ତୁମର କେତେ ବଡ଼ ସାଙ୍ଗ ?"

—ପଞ୍ଚାନନ—

ମୋର ଶିଷ୍ୟ ପ୍ରଶିଷ୍ୟ ସଙ୍କୁଚିତ ହୋଇଗଲେ ।

ସେ କହିବାରେ ଲାଗିଲା, "ମନେ ମନେ ଭାବିବାରେ କିଛି ଫଳ ନାହିଁ ଭାଇ ! ମୋ କଥା ଶୁଣ । ମୁଁ ମୋ କଥା କହିବି ? ସମୟ ବି କଟିଯିବ । ଭାରି ମଜାଦାର କଥା ।"

ସେ କହିବାକୁ ଆରମ୍ଭ କଲା, "ଚୋରି, ଡକାଏତି ଆମର ପୁରୁଷ ପୁରୁଷ ଧରି ପେଷା । ତଥାପି ମୁଁ ଏକୁଟିଆ ଫାଶୀରେ ଝୁଲିବି । ଭାଗ୍ୟର ଲେଖନ ।

"ମତେ ଯେତେବେଳେ ଛ' ବର୍ଷ, ସେତେବେଳେ ବାପ ମାଁ ମତେ ଛାଡ଼ି ସେଇ ଅଜଣାଲୋକର ଯାତ୍ରୀ ହୋଇଗଲେ । ପକେଟ କାଟି, ବୋକା ଲୋକଙ୍କୁ ଆହୁରି ବୋକା ବନାଇ ମୁଁ ଆନନ୍ଦରେ ନିଜ ପେଟ ପୋଷିବାରେ ଲାଗିଲି । ଏହା ହିଁ ତ ପୂର୍ବ ପୁରୁଷମାନଙ୍କ ପେଷା ଥିଲା !

"ଶୀତ ଦିନେ, ଯେତେବେଳେ ରାସ୍ତା ଘାଟ ବରଫରେ ଭର୍ତ୍ତି ହୋଇଯାଏ, ସେତେବେଳେ ସେଇ ବରଫ ଉପରେ ମୁଁ ଖାଲି ପାଦରେ ଚାଲେ । ଷ୍ଟେସନ, ହୋଟେଲ, ଟ୍ରେନ, ବଜାର ସ୍ଥାନରେ ସମୟ ବିତାଇ ଦିଏ ।

"ପନ୍ଦର ବର୍ଷ ବେଳେ ମୁଁ ପ୍ରଥମେ ଧରା ପଡ଼ିଲି । ପିଠିରେ କେତେଥର ବେତ ମାଡ଼ ହେଲା ଓ ଦି' ବର୍ଷ ଦିନ ପାଇଁ ଜେଲ୍ ବି ହୋଇଗଲା । ଯେତେବେଳେ ମୁଁ ଜେଲରୁ ଫେରିଲି ମୋର କୌଶଳ ବଢ଼ିଗଲା । ମୁଁ ଦଳର ମୁଖିଆ ହୋଇଗଲି ।

"ତାପରେ ବଡ଼ ବଡ଼ କାମରେ ହାତ ଦେଲି । ସହରର ନାମଜାଦା ବଣିଆ ଦୋକାନରେ ମୁଁ ମୋର ଦଳ ସହିତ ପହଞ୍ଚିଲି । ଦୋକାନ ଲୁଟପାଟ କଲି । ଦି'ଜଣ ଦରୁଆନଙ୍କୁ ପ୍ରାଣରେ ମାରିଦେଲି । ସାହାସ ବି ବଢ଼ିଗଲା । କିନ୍ତୁ ଶିଘ୍ର

ମନାଇଙ୍କର ତ ଅଭାବ ନାହିଁ କେଉଁଠି । ଆମ ଦଳର ଜଣେ ବିଶ୍ୱାସଘାତକ ଆମକୁ ଧରାଇ ଦେଲା । ଜେଲର ପାଣି ପବନରେ ସାତ ବର୍ଷ କଟିଗଲା । ପୁଣି ବାହାରକୁ ଆସିଲି । ସେମିତି କିଛି ପ୍ରମାଣ ନଥିଲା । ଥିଲେ ତ କେବେ ଜେଲ ବାହାରେ ପାଦ ପକାଇବାର ବିପଦ ଆସି ନଥାନ୍ତା । ସେଇ ହତଭାଗା ସ୍ୱାର୍ଥପର ବିଶ୍ୱାସଘାତକ ଉପରେ ଭାରି ରାଗ ଆସିଲା ।

"ଯେତେବେଳେ ମକଦ୍ଦମା ଶେଷ ହେଲା, ସେ ସମୟରେ ସେ ଅଦାଲତ ବାହାରେ ଠିଆ ହୋଇଥିଲା । ମୁଁ ତୀକ୍ଷ୍ଣ ଦୃଷ୍ଟିରେ ତାକୁ ଚାହିଁଲି । ସେ ଦୃଷ୍ଟିରେ ନିଆଁ ବର୍ଷୁଥିଲା । ତାହା ତାହାର ଶିର ପ୍ରଶିରାରେ ଭେଦିଗଲା । ଭୟରେ ତା ମୁହଁ ଶୁଖିଗଲା । ସାତ ବର୍ଷ ପରେ ମୁଁ ପୁଣି ବାହାରକୁ ବାହାରିଲି ।

"ଦୁଇ ଦିନ ଏପଟେ ସେପଟେ ହୋଇ କଟିଗଲା । ଗୋଟିଏ ମୁଠା ଦାନା ପେଟରେ ପଡ଼ିଲା ନାହିଁ । ପ୍ରତିହିଂସା ପାଇଁ ଭିତରେ ନିଆଁ ଜଳୁଥିଲା ।

"ରାତିରେ ଝରକା ଭାଙ୍ଗି ଗୋଟିଏ ହୋଟେଲରେ ପଶିଲି । ପେଟ ଭରି ଖାଇଲି, ଚୁପ୍‌ଚାପ୍—ଯେପରି କେହି କିଛି ଜାଣି ନ ପାରନ୍ତି ।

"ସାତ ଆଠ ଦିନ ପରେ ମୋ ଦଳର ଦୁଇ ଚାରିଜଣ ଲୋକଙ୍କ ସଙ୍ଗେ ଦେଖା ହେଲା । ସେମାନେ ଇସ୍ତଫା [illegible] ଦେଇଥିଲେ । କେହି ଚାକିରି କରୁଥିଲା ତ ଆଉ କିଏ ପୁରାପୁରି ଗୃହୀ ପାଲଟି ଯାଇଥିଲା । ସମସ୍ତେ ଭଲ ଲୋକ ହୋଇ ଯାଇଥିଲେ ।

"ନୂଆ ଦଳ ଗଢ଼ିଲି । ବାଛି ବାଛି ଯୁବକ ଏବଂ ବଳବାନ ଲୋକଙ୍କୁ ଭର୍ତ୍ତି କଲି ।

—ସଭାବନ—

"ତା'ପରେ ଖୁବ୍ ଆଡ଼ମ୍ବରରେ କାମ ଚାଲିଲା । ପ୍ରତିଦିନ ଲୁଟ, ପ୍ରତିଦିନ ବିଜୟ । ପ୍ରତିଦିନ ନୂଆ ନୂଆ ମଜା । ଆନନ୍ଦର ଝରଣା ଛୁଟିବାରେ ଲାଗିଲା । କିନ୍ତୁ ଭାଗ୍ୟ ପୁଣି ଓଲଟିଲା । ଗୋଟି ଗୋଟି ହୋଇ ଦଳର ଲୋକେ ଧରା ହେଲେ । ଦଳ ଭାଙ୍ଗିଗଲା । କାମ ବନ୍ଦ ହୋଇଗଲା । ରାଗରେ ମୁଁ ପାଗଳ ପରି ହୋଇଗଲି ।

"ତା'ପରେ ଦିନେ ସେଇ ପୁରୁଣା ବିଶ୍ୱାସଘାତକ ସଙ୍ଗେ ସଡ଼କ ଉପରେ ଦେଖା ହୋଇଗଲା । ମତେ ଦେଖି ସେ ଥରିବାକୁ ଲାଗିଲା । ମୁଁ ତାର ବାଳକୁ ଧରି ପକାଇ କହିଲି 'କି ହୋ, ଆଜି' ?

"ସେ ବାଇଆ ହୋଇ କହିବାରେ ଲାଗିଲା, 'କ୍ଷମା କରନ୍ତୁ ସର୍ଦ୍ଦାର ।'

"ମୁଁ କହିଲି, 'ବିଶ୍ୱାସଘାତକଙ୍କୁ ମୁଁ କ୍ଷମା ଦେଇ ପାରିବି ନାହିଁ ।'

"ସେ କହିଲା, 'ମୁଁ ପରା ଆପଣଙ୍କ ଚାକର ।'

"ବିଶ୍ୱାସଘାତକ ଚାକରକୁ ମୁଁ ଏହିପରି ଶିକ୍ଷା ଦେଉଛି ।" କହି ମୁଁ ପିଠିକୁ ଗୋଇଠାଏ ପକାଇଲି । ସେ ପାଞ୍ଚହାତ ଦୂରକୁ ଛିଟିକି ହୋଇ ପଡ଼ିଲା । ପାଟିରୁ ରକ୍ତ ବାହାରିଲା । ମୁଁ କହିଲି, 'ଯାଅ, ଚାଲ ।'

"ତାକୁ ମୁଁ ନେଇ ଚାଲିଲି । ସେତେବେଳେ ମୁଁ ଗୋଟିଏ ରାକ୍ଷସ ପାଲଟି ଯାଇଥିଲି । ମୋର ଏଡ଼େ ସୁନ୍ଦର ଦଳ, ପୁରୁଣା ସାଙ୍ଗମାନଙ୍କ ଦଳ—କେବଳ ଏଇ ବଦମାସ ଯୋଗୁଁ ଭାଙ୍ଗିଗଲା । ସୈତାନ !

—ଅଠାବନ—

"ମୁଁ ପକେଟରୁ ଛୁରୀ ବାହାର କଲି । ତାର ବୁକ ଚାଲ କାଟି ଦେଲି । ସେ ବେହୋସ ହୋଇ ପଡ଼ିଗଲା । ମୋ ମୁଣ୍ଡ ଭିତରେ ନିଆଁ ଜଳୁଥିଲା । ମୁଁ ତାକୁ ଛାଡ଼ିଦେଇ ଠିଆ ହେଲି ।

"ତାପରେ ପୁଲିସ ଆସି ତା ଠାରୁ ସବୁକଥା ଲେଖିନେଲେ ଏବଂ କେତେଦିନ ପରେ ସେ ଡାକ୍ତରଖାନାରେ ମରିଗଲା । ମୁଁ ବି ଧରା ପଡ଼ିଲି । ମତେ ଫାଶୀର ହୁକୁମ ମିଳିଲା । ଠିକ୍ ହୋଇଛି । କଣ କହୁଛ ? ଏକ ପ୍ରକାର ମୁଁ ତ ତାର ଜୀବନ ନେଇଛି । ନିନ୍ଦା ଅପବାଦ ପାଇଁ ମୋର ଚିନ୍ତା ନାହିଁ । ପ୍ରେମ କରି କରି ଭାରି ଖରାପ ଲାଗୁଥିଲା । ସାଧାରଣ ପ୍ରେମରେ ମତେ କେବେ ଆନନ୍ଦ ମିଳି ନଥାନ୍ତା । ଯଥେଷ୍ଟ ବୁଦ୍ଧି ଖଟାଇଥିଲି । ଏପରି ବୁଦ୍ଧିଆ ସାହାସୀ ସାଥି ବା ଏବେ କେଉଁଠୁ ମିଳିବେ ? ଏଇଥି-ପାଇଁ ଏଇ ଜୀବନରେ ଆଉ କୌଣସି ମୋହ ନାହିଁ । ମାୟା ନାହିଁ । ମରିବା ଆଗରୁ ବିଶ୍ୱାସଘାତକକୁ ନିଜ ହାତରେ ଦଣ୍ଡ ଦେଇ ସାରିଛି । ଏହା କଣ କମ୍ ଖୁସିର କଥା ? ଆଉ ତୁଚ୍ଛ ଚୁରିଟା ପ୍ରେମ ଗପ ତମକୁ ଶୁଣାଇବାକୁ ଇଚ୍ଛା ହେଉଛି । ଶୁଣିଲେ ବୁଝି ପାରନ୍ତ ମୁଁ କିପରି ବୁଦ୍ଧିଆ ଥିଲି । ମୋର ଏଡ଼େ ସୁନ୍ଦର ବୁଦ୍ଧି ଫାଶୀରେ ଝୁଲିବ । ବଡ଼ ଦୁଃଖର କଥା । ଦେଶର ଦୁର୍ଭାଗ୍ୟ !"

ତା କଥା ଶୁଣି ମୋ ଦେହରେ ଶିହରଣ ଆସୁଥିଲା । ଜାଣେନା ଏଇ ରାକ୍ଷସ, ଏଇ ପିଶାଚ କେତେବେଳେ ମୋ ନିକଟରୁ ଚାଲିଯିବ ।

ସେ କହିଲା "ତୁମେ ବଡ଼ ସାଧାସିଧା ଲୋକ ପରି ଜଣା ପଡ଼ୁଛ । ଫାଶୀରେ ଚଢ଼ିବାକୁ ଯାଉଛ, ଏବେ ପୁଣି ଅନୁତାପ କରୁଛ ? ଫାଶୀରେ ଚଢ଼ିବା ତ ମଜାର କଥା । ତୁମେ ଜାଣିନା ?

—ଅଣଷଠି—

ମଜାକ କର, ହସ ଖୁସିରେ ସମସ୍ତ କଟାଇଦିଅ ! ଲୋକେ ଜାଣିବେ ଫାଶୀକୁ ବି ଭଏ କରୁ ନାହିଁ । ମରଣ ତା ପାଇଁ ଏକ ଖେଳ । ଏହା ଦେଖି ସମସ୍ତେ ଅବାକ୍ ହୋଇଯିବେ । ବାହାଦୁରୀ କଥା ବୋଲି କହିବେ । ମତେ ଦେଖୁଚ ତ ? କେମିତି ମଜାରେ ଅଛୁ ? ଖାଲି ଅନୁତାପ କଲେ କଣ ମିଳିବ ?”

ମୁଁ କହିଲି, “ଆପଣ ନିଶ୍ଚୟ ଜଣେ ଭଦ୍ରଲୋକ ।”

ସେ ଜୋରରେ ହସି ଉଠିଲା । ତାର ବିକଟାଳ ହସରେ କୋଠରୀଟି ଥରି ଉଠିଲା । ସେ କହିଲା, “ଓହୋ ‘ମହାଶୟ’ ! ଆପଣ ସଫାଲୁଗା ପିନ୍ଧିଛନ୍ତି, ଆପଣ ଭଦ୍ରଲୋକ । ମୁଁ ତ ଏ କଥା ଜାଣି ନ ଥିଲି ? ତଥାପି ଭଦ୍ରଲୋକଙ୍କୁ ଫାଶୀ ଦିଆଯାଉଛି । ବଡ଼ ଅଶ୍ଚର୍ଯ୍ୟର କଥା !”

ତା କଥାରେ ବିଦ୍ରୂପ ଭରି ରହିଥିଲା । ମୁଁ ଚୁପ ରହିଲି । ସେ କହିବାରେ ଲାଗିଲା, “କେବଳ ପୁରୋହିତ ଆସିବା ଯାଏ ଯାହା ଆପଣଙ୍କର ଡେରି । ଆପଣ ତ ଜମିଦାର ଲୋକ । ଫାଶୀ ପାଇବାକୁ ଯାଉଛନ୍ତି । ଆପଣଙ୍କର ଏଇ ସୁନ୍ଦର କୋଟଟି କାହାକୁ ନଷ୍ଟ କରିବେ ? ମତେ ଦିଅନ୍ତୁ । ଶୀତରୁ ରକ୍ଷା ମିଳିବ । ନହେଲେ ତାକୁ ବିକି ଚୁରୁଟ ମଗାଇବାର ବାଟ କରିବି ।”

ମୁଁ କୋଟ ଖୋଲିଦେଲି । ମୁହୂର୍ତ୍ତକ ପାଇଁ ଦେହ କମ୍ପି ଉଠିଲା । ସେ କହିଲା, “ଆପଣ ଅମୀର । ଏଇ ଜାଡ଼ ସହି ପାରିବେ ନାହିଁ । ନିଅନ୍ତୁ, କୋଟ ପିନ୍ଧି ପକାନ୍ତୁ ।

ସେ କୋଟକୁ ମୋ ହାତକୁ ବଢ଼ାଇ ଦେଲା । ମୁଁ କହିଲି, “ମୁଁ ଶୀତ ସହିପାରିବି । କୋଟଟା ଆପଣ ନିଅନ୍ତୁ ।”

ଝରକା ପାଖକୁ ଆସି ସେ କୋଟକୁ ଭଲ ଭାବରେ ଦେଖିବାରେ ଲାଗିଲା । ଓଲଟ ପାଲଟ କରି କିଛି ସମୟ ସେ

ଦେଖିଲି । କହିଲି, "ଏହା ତ ଏକବାରେ ନୂଆ ପରି କଣାପଡ଼ୁଛି ।"
ହଉ, ଆପଣଙ୍କ ଦୟା ଯୋଗୁଁ ଛ' ହପ୍ତା ଚାଲୁଛି, ତାହାଠୁରୁ ଅଧିକ ହେବ ନାହିଁ । ଧନ୍ୟବାଦ । କିନ୍ତୁ ଖରାପ ମନେ କରିବେ ନାହିଁ । ମୁଁ ରହିଲି । ଗରିବ ଲୋକ, କଥା କହି ଆସେ ନାହିଁ ।"

ଏତିକିବେଳେ ଜେଲର ଭିତରକୁ ଆସିଲେ । ମତେ ଜଣେ ପ୍ରହରୀର ଜିମାରେ ଓ ତାକୁ ଦୁଇଜଣ ପ୍ରହରୀଙ୍କ ଜିମା ଦେଇ ସେ ବାହାରକୁ ଚାଲିଗଲେ ।

ଆମେ ବି ବାହାରକୁ ଆସିଲୁ । ବାହାରକୁ ଆସି ସେ କହିଲା, "ଭୁଲିବେ ନାହିଁ ଆଜ୍ଞା, ଏହା ଆମର ଶେଷ ଦେଖା ସାକ୍ଷାତ । ପୁଣି ଛ' ହପ୍ତା ପରେ ଦେଖା ହେବ । ସେଠି ଆପଣ ମତେ ଅପେକ୍ଷା କରିଥିବେ ।"

ତା କଥା ଶୁଣି ମୋ ଦେହ ଥରି ଉଠିଲା । ସେ କଣ କହୁଛି ? ଲୋକଟା ପାଗଳ ନା ବୋକା ?

—ଏକମତି—

ସେ ଥିଲା ଜଣେ ମଜାଦାର ଲୋକ । ମୋ କୋଟଟି ନେଇ ସିଧା ଚାଲିଗଲା ।

ମୁଁ କାହିଁକି ଦେଇଦେଲି ? ନା, ମୁଁ ତ ଦେଇ ନାହିଁ । ମୁଁ ଭାବିଲି ସେ ଥଟ୍ଟା କରୁଥିବ । କିନ୍ତୁ ମୁହଁ ଉପରୋଧରେ ଫେରାଇ ନେଇ ପାରିଲି ନାହିଁ ।

ପକ୍କା ପୁରୁଣା ଚୋର । ପାଦରେ ଯାହାକୁ ଦଳି ଦେଇ ଯାଉଥାନ୍ତି, ସେ ମତେ ବନ୍ଧୁ ବୋଲି ସମ୍ବୋଧନ କରିଗଲା ?

ରାଗରେ ଦେହ ଥରି ଉଠିଲା । ମରଣ ମୁଣ୍ଡ ଉପରେ । ବର୍ତ୍ତମାନ ସେ ନିଶ୍ଚୟ ପର ମତେ ପେଷି ଦେବ । ଏତେବେଳ ପର୍ଯ୍ୟନ୍ତ ଧନୀ ସଂପ୍ରଦାୟର ଅହଙ୍କାର ମୋର ଶିରା ପ୍ରଶିରାରେ ପୂର୍ଣ୍ଣ ହୋଇ ରହିଛି । ମୁଁ ମୂର୍ଖ । ବୋକା ।

— ବାଘଟି —

ଫାଶୀର ଦଉଡ଼ି ଧନୀ କିମ୍ବା ନିର୍ଦ୍ଧନର ବିଚାର କରେ ନାହିଁ । ଯେଉଁ ସ୍ୱର୍ଗକୁ ଯାଉଛ, ସେଠାରେ ଧନୀ କିମ୍ବା ନିର୍ଦ୍ଧନର ବିଚାର ହେବ ନାହିଁ ।

ଯେଉଁ ଦଉଡ଼ିରେ ତାର ବେକ ବନ୍ଧା ହେବ, ସେଇ ଦଉଡ଼ି ବି ମତେ ଆରପାଖେ ନେଇ ଲଗାଇ ଦେବ, ମୁକ୍ତ ଦେବ । ହଁ, ସେ ପସ୍ୱ ମୋର ବନ୍ଧୁ ! ପରମ ବନ୍ଧୁ !

—ଭେଷଠି—

ବାୟୁହୀନ ରୁଦ୍ଧ ଏକ ଛୋଟ କୋଠରିରେ ମୁଁ ପୁଣି ବନ୍ଦୀ ହୋଇଛି । ବନ୍ଦୀ ହୋଇଛି ବୋଲି କଣ ଆଲୋକ ଓ ବାୟୁ ଉପରେ ମୋର କୌଣସି ଅଧିକାର ନାହିଁ ? ବିଚାର ନାମରେ ମନୁଷ୍ୟ ପ୍ରତି ଏହି ଅନ୍ୟାୟ କାହିଁକି ? ଯଦି ଦଣ୍ଡ ଦେବା ସେମାନଙ୍କର ଉଦ୍ଦେଶ୍ୟ, ଏହାଠାରୁ ସହଜ ଓ ସରଳ ଉପାୟର ତ ଅଭାବ ନାହିଁ ! ସେଇ ପୁରୁଣା ଯୁଗରେ ଯାହା ହେଉଥିଲା, ଗୋଟିଏ ଥଳୀ ଭିତରେ ଭର୍ତ୍ତି କରି ନଦୀରେ ବୁଡ଼ାଇଦେବା—ତାହାଦ୍ୱାରା ତ ଶୀଘ୍ର କାମ ଶେଷ ହୋଇ ଯାଉଥାନ୍ତା ! ଏତେ ସାଜସଜ୍ଜାର ଦରକାର ନ ଥାନ୍ତା । କଡ଼ା ପ୍ରହରୀର ଦରକାର ନ ଥାନ୍ତା । ଏତେ ପରିଶ୍ରମରୁ ବି ରକ୍ଷା ମିଳିଥାନ୍ତା !

ବିଛଣା ନ ଥିଲା । ମୁଁ ଚୌକୀଦାରକୁ ଡାକି ବିଛଣା ଆଣିବାକୁ କହିଲି । ସେ ଆଶ୍ଚର୍ଯ୍ୟ ହୋଇ ମତେ ଚାହିଁଲା । ଯେଉଁ

ଲୋକକୁ ମାତ୍ର ଛ ଘଣ୍ଟା ପରେ ଫାଶୀ ଦିଆଯିବ, ତାର ବିଛଣା କଣ ହେବ ? ସେ ବୋଧହୁଏ ଏୟା ଭାବି ଆଶ୍ଚର୍ଯ୍ୟ ହେଉଥିଲା ।

ଯାହାହେଉ ଜେଲ୍‌ର ଅଧକ୍ଷ ବିଛଣା ମଗାଇ ଦେଲେ । ସେ ବଡ଼ ଦୟାଳୁ । ମରିବାବେଳେ ଯେମିତି ହେଲେ ତାଙ୍କ ଦୟା ବିଷୟରେ ଭାବି ଭାବି ମରିବ । ବାହାରେ, ଦୁଆର ପାଖରେ ଜଣେ ପ୍ରହରୀ ଜଗୁଆଳ ହୋଇ ରହିଛି । ମୁଁ ଯେପରି ବିଛଣା ଚାଦରରେ ନିଜକୁ ନିଜେ ଫାଶୀ ଦେଇ ନ ପକାଏ, ସରକାରୀ ଘାତକଙ୍କୁ ଯେପରି ଫାଙ୍କି ଦେଇ ନ ବସେ ! ଏଇଥିପାଇଁ ତ ପ୍ରହରୀ !

—[illegible]—

— ୧୭ —

ଠିକ୍ ଦଶଟା ବାଜିଚି ।

ମେରୀ ମନେ ପଡ଼ୁଚି । ଅଭାଗିନୀ ଝିଅ ମୋର ! ଛ ଘଣ୍ଟା ପରେ ମୁଁ କେଉଁଠି ଥିବି ଏବଂ ଏଇ ପୃଥିବୀ କେଉଁଠି ଥିବ ? ଡାକ୍ତରଖାନାର ଟେବୁଲ ଉପରେ ମୋର ଜଡ଼ ଦେହ ପଡ଼ି ରହିବ । ଦେହକୁ ଚିରି, ଖଣ୍ଡ ଖଣ୍ଡ କରି ଏମାନେ ଯାଇ ଶାନ୍ତ ହେବେ । ମୋର ଦେହର ପ୍ରତି ଅଂଶ ଖଣ୍ଡ ଖଣ୍ଡ ହୋଇ କଟାଯିବ ! ଓଃ, ମେରୀ ! ତୋ ବାପାର ଏଇ ପରିଣତି !

ତଥାପି ଆଜି ଏମାନଙ୍କ ବ୍ୟବହାର ଦେଖି କୁହାଯାଇ ପାରିବ ନାହିଁ ଯେ ଏମାନେ ମତେ ଘୃଣା କରୁଛନ୍ତି । ସମସ୍ତଙ୍କ ମନ ଅସମ୍ଭବ ଦୟାରେ ପୂର୍ଣ୍ଣ ହୋଇ ଯାଇଛି । ମୋର ସେବାରେ କୌଣସି ତ୍ରୁଟି ହେଉ ନାହିଁ । ତଥାପି ଏମାନେ ମତେ ବଞ୍ଚିବାକୁ ଦେବେ ନାହିଁ । କରୁଣା—କିନ୍ତୁ କି ନିର୍ମମ ସେ

କରୁଣା ! ମତେ ନିଷ୍ଠୁର ଏମାନେ ହତ୍ୟା କରିବେ । କୌଣସି ପ୍ରକାରେ ତାହା ବନ୍ଦ କରି ପାରିବି ନାହିଁ ।

ବତ୍ସେ ମେଟ୍ ! ଅଭାଗିନୀ ଝିଅ ! ବାପର ଆଦରରେ ତୁ ବନ୍ଧା ହୋଇଥିଲୁ । ବାପର ଚୁମ୍ବନରେ ତୁ ତୃପ୍ତି ପାଉଥିଲୁ । ଯେତେବେଳେ ତୋର ବେଣୀକୁ ଧରି ମୁଁ ଆଦରରେ ସାଉଁଳୁଥିଲି ତୋର ନରମ ଲାଲ ଓଠରୁ ହସର ଝରଣା ଫିଟି ପଡୁଥିଲା । ଆନନ୍ଦର ହସ ଚତୁର୍ଦ୍ଦିଗରେ ଏକ ସଙ୍ଗୀତର ମୂର୍ଚ୍ଛନା ଭରି ଦେଉଥିଲା । ତାପରେ ରାତିରେ ଶୋଇବା ଆଗରୁ ମୋ ସହିତ ତୁ ହାତ ଯୋଡ଼ି ବସି ଯାଉଥିଲୁ । ତୋର ପ୍ରାର୍ଥନା ସାରା ଦିନର ପରିଶ୍ରମ ଏବଂ ଶ୍ରାନ୍ତିକୁ ହାଲୁକା କରି ଦେଉଥିଲା । କି ଆବେଗ ଭରା ତୋର ସେ ପ୍ରାର୍ଥନା ! ଏହିପରି ଥିଲା ମୋର ସୁଖର ସାମ୍ରାଜ୍ୟ ! ହାୟ, ଆଜି ସେ ସବୁ ସ୍ୱପ୍ନରେ ପରିଣତ ହୋଇଗଲା । ଓଃ, ମୋର ଆଦରର ଝିଅ ! ଏହିପରି ତତେ ଛାତିରେ ଚାପିଧରି କିଏ ତୋ ମୁହଁକୁ ଅଜସ୍ର ଚୁମ୍ବନରେ ଛାଇ ଦେବ ? ଏହିପରି କିଏ ତତେ ଆଦର କରିବ ? ଛୋଟ ଛୋଟ ପିଲାମାନେ ନିଜ ନିଜ ବାପାଙ୍କ ସ୍ନେହ ବୋଳା କୋଳରେ ବସି ମେଳା ଓ ଯାତ୍ରାକୁ ହସି ହସି ଦେଖିବାକୁ ଯିବେ । ସେଇ ସମୟରେ ତୋ ଆଖିରେ ବେଦନାର ଲୁହ ଢଳ ଢଳ ହେବ— ଏକ ଅବ୍ୟକ୍ତ ବେଦନାରେ ତୋର ସୁନ୍ଦର ମୁଖ ମ୍ଳାନ ହୋଇଯିବ । ବ୍ୟଥିତ ଦୃଷ୍ଟିରେ, ଅର୍ଥହୀନ ଆଖିରେ ତୁ ଚାହିଁ ରହିଥିବୁ । ନୂଆ ବର୍ଷରେ ଓ ଜନ୍ମ ଦିନରେ ତୁ କୌଣସି ଉପହାର ପାଇବୁ ନାହିଁ, କାହାର ଆଦର ତୋ ହୃଦୟକୁ ସ୍ପର୍ଶ କରିବ ନାହିଁ । ଓଃ, ହତଭାଗୀ ଝିଅ, ତୋ ପ୍ରାଣକୁ କେହି ତୃପ୍ତ କରିବ ନାହିଁ । ପିତୃହୀନ, ଅନାଥିନୀ ମେରି !

—ସତଷଠି—

ଯଦି ସେଇ ଜୁରିମାନେ ଥରେ ମେରୀଙ୍କୁ ଦେଖିଥାନ୍ତେ ତେବେ ବୋଧହୁଏ ଏଇ ମୃତ୍ୟୁଦଣ୍ଡ ଦେବା ଆଗରୁ ସେମାନଙ୍କର ତା କଥା ବି ମନେ ପଡ଼ିଥାନ୍ତା । ତାର ମ୍ଳାନ ନେତ୍ରକୁ ଦେଖି ସେମାନଙ୍କର କଠୋର ଚିତ୍ତ ନିଶ୍ଚୟ ଚଞ୍ଚଳ ହୋଇ ଯାଇଥାନ୍ତା, ଏଥିରେ କୌଣସି ସନ୍ଦେହ ନାହିଁ । ନା, କୌଣସି ସନ୍ଦେହ ନାହିଁ । ମେରୀ ପାଇଁ ମୁଁ ବୋଧହୁଏ ବଞ୍ଚି ଯାଇଥାନ୍ତି ।

ମେରୀ ! ଯେତେବେଳେ ସେ ବଡ଼ ହେବ, ଯେତେବେଳେ ତାର ଜ୍ଞାନ ଆସିବ, ସବୁକଥା ବୁଝି ପାରିବ, ମୁଁ ସେତେବେଳେ କେଉଁଠି ଥିବି ? ସେ ସମୟରେ ତ ମୋ ନାଁ ପ୍ୟାରିସର କଳଙ୍କିତ ଇତିହାସରେ ଲେଖା ହୋଇ ରହିଥିବ । ମୋ ନାଁ ଶୁଣି ତାର ପ୍ରାଣ କଣ କମ୍ପି ଉଠିବ ନାହିଁ ? ମୋ ନାଁ ଶୁଣି ଲଜ୍ଜାରେ ତାର ହୃଦୟ ବିଦୀର୍ଣ୍ଣ ହୋଇଯିବ । ଘୃଣାର ଅଗ୍ନିରେ ସେ ଭସ୍ମୀଭୂତ ହୋଇଯିବ । ମେରୀ ! ମୋ ପ୍ରାଣର ଝିଅ ମେରୀ ! ବାପର ନାଁ ଶୁଣି ସହାନୁଭୂତିର ଦୁଇ ବିନ୍ଦୁ ଲୁହ କଣ ତୁ ଢାଳିବୁ ନାହିଁ ? ନା, ଘୃଣାର ଅଗ୍ନି ତୁ ମୋ ନାଁ ଉପରେ ଢାଳିଦେବୁ ? ନା, ନା, ମେରୀ, ତୁ ଦୁଇ ବିନ୍ଦୁ ଲୁହରେ ମୋର ତର୍ପଣ କରିବୁ । ମୁଁ ତୃପ୍ତ ହେବି । କେବଳ ଦୁଇ ବିନ୍ଦୁ ଲୁହ । ଓଃ,, ଭଗବାନ ! ଏପରି କି ଅପରାଧ ମୁଁ କରିଚି, ଏପରି କି ମହାପାପ ମୁଁ କରିଚି ଯେ ସମାଜ ଏହିପରି ନିର୍ମମ ଓ ନିଷ୍ଠୁର ଭାବରେ ମୋତେ ବଳି ଦେବାକୁ ଯାଉଁଚି ?

ଆଜିର ସୂର୍ଯ୍ୟ ଯେତେବେଳେ ଅସ୍ତ ହେବ, ସେତେବେଳେ ମୁଁ କେଉଁଠି ରହିବି ? ଏଇ ପୃଥିବୀର ସବୁ ମୋ ପାଇଁ

ସେତେବେଳେ ଲୋପ ହୋଇଯିବ । ଆଜି ମୋ ଜୀବନର ଶେଷ ଦିନ । ଏହା କଣ ସ୍ୱପ୍ନ ନା ସତ୍ୟ ?

ବାହାରେ କୋଳାହଳ କାହିଁକି ହେଉଛି ? ବୋଧହୁଏ ମୋର ମରଣ ଦେଖିବା ପାଇଁ ଲୋକେ ଦୌଡ଼ି ଆସିଛନ୍ତି । କୌତୁହଳୀ ଦର୍ଶକ, ସ୍ପର୍ଦ୍ଧିତ ପ୍ରହରୀ, ସଙ୍କିତ ପୁରୋହିତ, ମତେ ଦେଖିବା ପାଇଁ ସମସ୍ତଙ୍କର ହଠାତ୍ ଆଗ୍ରହ ଆସିଛି । ମୃତ୍ୟୁ ! ତୁମେ ସତେ ଆଜି ମତେ ଗ୍ରହଣ କରିବ ? ମତେ ? ଯେଉଁ ମୁଁ ଏଇ ସମୟରେ ବସିଛି, ନିଶ୍ୱାସ ପ୍ରଶ୍ୱାସ ନେଉଛି, କଥା ଶୁଣୁଛି, ପବନର ସ୍ପର୍ଶ ଅନୁଭବ କରୁଛି, ସେଇ ମୁଁ, ମରିଯିବ ?

—ଅଣଯରି—

—୧୭—

ଏକଥା କଣ ମୁଁ ଜାଣିନାହିଁ ? ହିଁ, ଜାଣିଚି । ବହୁତ ଦିନ ତଳର କଥା । ପ୍ଲେ—ଦ—ଗ୍ରେଭ ପାଖରେ ମୁଁ ଯାଉଥିଲି । ଦିନ ଏଗାରଟା ହେବ । ହଠାତ୍ ମୋ ଗାଡ଼ି ରହିଗଲା ।

ରାସ୍ତା ଉପରେ ଅସମ୍ଭବ ଭିଡ଼ । ଗାଡ଼ି ଭିତରେ ମୁଁ ମୁଣ୍ଡ ଟେକି ଅନାଇଲି । ଚତୁର୍ଦ୍ଦିଗରୁ ଅସଂଖ୍ୟ ମୁଣ୍ଡ ଆଖିରେ ପଡ଼ୁଥିଲେ । ପାଚେରି ଉପରେ, ଛାତ ଉପରେ, ଗଛ ଡାଳରେ । କେଉଁଠି ଟିକିଏ ହେଲେ ସ୍ଥାନ ଖାଲି ନ ଥିଲା । ଦୂରରୁ ଫାଶୀର ତକ୍ତା ବି ଦେଖା ଯାଉଥିଲା । ଫାଶୀର ପ୍ରତ୍ୟେକ ସରଞ୍ଜାମ ସଜାଡ଼ି ହୋଇ ରଖା ଯାଇଥିଲା ।

ଆଜି ବି ସେଇଦିନ ପରି ଜଣା ପଡ଼ୁଚି । କିନ୍ତୁ ଆଜି ମୁଁ ଆଉ ଦର୍ଶକ ହୋଇ ନାହିଁ । ମତେ ଦେଖିବା ପାଇଁ ଆଜି ଏତେ ଭିଡ଼ !

—ସନ୍ତୁରି—

କେବଳ ଗୋଟିଏ ଦଣ୍ଡଭର ଅଶ୍ରୁ ନେବ । ମୁହୂର୍ତ୍ତକ ମଧ୍ୟରେ ଅତଳସ୍ପର୍ଶୀ ଅନ୍ଧକାରରେ ବୁଡ଼ିଯିବ । ଘନ ସାନ୍ଦ୍ର ଅନ୍ଧକାର : ତାପରେ ?

ଯଦି ପଥର ଖଣ୍ଡେ ମିଳନ୍ତା ତେବେ ଏବେ ଏଇଠି ଏଇ ମୁଣ୍ଡକୁ ଦୁଇଖଣ୍ଡ କରି ପକାନ୍ତି !

କ୍ଷମା ! ଆରେ, ମତେ ଛାଡ଼ିଦିଅ । ମତେ କ୍ଷମା ଦିଅ । ବୋଧହୁଏ କ୍ଷମା ମିଳିଯିବ । ରାଜାଙ୍କର ଦୟା ହୁଏ ତ... ବୋଧହୁଏ କ୍ଷମାର ବାର୍ତ୍ତା ନେଇ ଦୂତ ଆସିବ । ଆସ ଦୂତ ! ଶୀଘ୍ର ଆସ । ଏଇ ଅନ୍ଧାର ହଠାତ୍ ଅନ୍ତର୍ଦ୍ଧାନ ହୋଇଯିବ । ଏକ ଉଜ୍ଜ୍ୱଳ ଦୀପ୍ତ ମୁକ୍ତ ଆଲୋକ ରାଜ୍ୟରେ ମୁଁ ପ୍ରବେଶ କରିବି । ବିଜୟ ଉଲ୍ଲାସରେ ମୋର ମନ ପ୍ରଫୁଲ୍ଲ ହୋଇଯିବ ।

ମତେ ଭିକ୍ଷା ଦିଅ । ପ୍ରାଣର ଭିକ୍ଷା ! ସ୍ନେହ ଆଉ ମମତା ପୂର୍ଣ୍ଣ ଏଇ ସୁନ୍ଦର ପୃଥିବୀ ! ମୁଁ ଏହାକୁ ଛାଡ଼ିବାକୁ ଚାହେଁ ନାହିଁ । ମତେ ରକ୍ଷା କର । ଗରମ ଲୁହାରେ ମୋ ଦେହରେ ଦାଗ ଦେଇଦିଅ । ମତେ କୌଣସି ଆଡ଼କୁ ଯିବା ପାଇଁ ଦିଅ ନାହିଁ । କୋଡ଼ିଏ ବର୍ଷ, ପଚିଶି ବର୍ଷ ଯାଏ ମତେ ଜେଲରେ ବନ୍ଦ କରି ରଖ । କେବଳ ଏଇ ଆକାଶ ପବନ ଓ ସୂର୍ଯ୍ୟର ଆଲୁଅରୁ ମତେ ବଞ୍ଚିତ କର ନାହିଁ । କଏଦୀ ସେ ବି ଚାଲୁଛି, ବୁଲୁଛି, କଥା କହୁଛି, ସେ ବି ସୁଖୀ । କେବଳ ଏଇ ପ୍ରାଣ ନିଅନାହିଁ । ଭିକ୍ଷା ଦିଅ । ମୁଁ ଆଉ କିଛି ଚାହେଁ ନାହିଁ ।

— ଏକସୁର —

—୧୮—

ପୁରୋହିତ ଫେର ଅସିଲେ । ଶୁକ୍ଳକେଶ, ଶାନ୍ତ ପ୍ରକୃତି ଏବଂ ମିଷ୍ଟଭାଷୀ । ଦେଖିଲେ ଶ୍ରଦ୍ଧା ଆସେ ।

ଆଜି ସକାଳେ କଏଦୀମାନଙ୍କ ମଧ୍ୟରେ ସେ ଜ୍ଞାନ ବିତରଣ କରୁଥିଲେ । ତଥାପି ମୋର ସେଥିରେ କି ଲାଭ ? ତାଙ୍କ କଥା ଶୁଣିବାକୁ ଇଚ୍ଛା ହେଉନାହିଁ । ପାଣି ଯେପରି କାଚରୁ ଖସିଯାଏ, ତାଙ୍କ କଥାରୁ ମୋ ମନ ସେହିପରି ଖସି ଯାଉଛି ।

ତଥାପି ତାଙ୍କୁ ଦେଖି ମନରେ ଧୈର୍ଯ୍ୟ ଆସିଲା । ଚତୁର୍ଦ୍ଦିଗର ଏଇ ବିଭତ୍ସ ଦୃଶ୍ୟ ମଧ୍ୟରେ ସେ ଟିକିଏ କୋମଳ ପରି ଜଣା ଯାଉଥିଲେ ।

ଆମେ ଦୁହେଁ ବସିଗଲୁ—ସେ ଚୌକି ଉପରେ ଆଉ ମୁଁ ମୋ ଶେଯ ଉପରେ ।

ସେ କହିଲେ, "ଭାଇ !"

ତାଙ୍କ ସମ୍ବୋଧନ ମୋ ପ୍ରାଣକୁ ଶୀତଳ କରିଦେଲା ।

— ଜ୍ଞାନ୍ତର —

ସେ ପଚାରିଲେ, "ଈଶ୍ୱରଙ୍କୁ ତୁମେ ବିଶ୍ୱାସ କର ?"

ମୁଁ କହିଲି "ହଁ ।"

"ଏଇ ଉଦାର କ୍ୟାଥଲିକ ଧର୍ମ—ଏହା ଉପରେ ତୁମର ଆସ୍ଥା ଅଛି ?"

ମୁଁ ଉତ୍ତର ଦେଲି, "ନିଶ୍ଚୟ !"

"ତେବେ ଶୁଣ", ପୁରୋହିତ କହିବାରେ ଲାଗିଲେ ।

କଣ କହିବାରେ ଲାଗିଲେ, ତାହା ମୋର ମନେ ନାହିଁ । କେତେବେଳଯାଏ କହିଲେ, ଜାଣିନାହିଁ । ହଠାତ୍ ସେ କହିଲେ, "କଣ ?" ମୁଁ ଅନ୍ୟଆଡ଼େ ଚାହିଁଥିଲି, ଚମକି ପଡ଼ିଲି । ଠିଆ ହୋଇ କହିଲି, "ଦୟାକରି ମତେ ଏକାକୀ ରହିବାକୁ ଦିଅନ୍ତୁ । ମତେ କିଛି ଭଲ ଲାଗୁନାହିଁ ।"

"ତେବେ ମୁଁ ଯାଉଛି ?"

"ମୁଁ ଆପଣଙ୍କୁ ଡକାଇବି ।"

ସେ ଠିଆ ହେଲେ । ଧୀରେ ଧୀରେ ସେ କହିଲେ, "ନାସ୍ତିକ ।"

ନାସ୍ତିକ ! ନା, ମୁଁ ଯେପରି ହୀନ ହୁଏନା କାହିଁକି, ମୁଁ ନାସ୍ତିକ ନୁହେଁ । ଭଗବାନ ଜାଣନ୍ତି ତାଙ୍କ ପ୍ରତି ମୋର ବିଶ୍ୱାସ କେତେ ଗଭୀର । କିନ୍ତୁ ଏଇ ପୁରୋହିତ ନୂଆ କଥା କଣ ଶୁଣାଇବେ ? ମୋର ଦୁଃଖୀ ଆତ୍ମାକୁ ତୃପ୍ତ କରିବାକୁ କ୍ଷମତା ତାଙ୍କର କାହିଁ ? ତାଙ୍କର ସାମର୍ଥ୍ୟ ବା କେତେ ? ବେତନ ଭୋଗୀ କର୍ମଚାରୀର ଦୁଇପଦ ମୁଖସ୍ଥ କଥାରେ, କେଉଁଠି କାହାକୁ ଶାନ୍ତି ମିଳିଲାଣି ?

ନରହନ୍ତା ଏବଂ ତସ୍କରମାନଙ୍କ ପାଖରେ କେତୋଟି ବୋଧା ଉପଦେଶ ଉଚ୍ଚାରଣ କରିବା ଯାହାର ପେଶା, ଅଶାନ୍ତ

—ଦେଖୁଛ—

ଅସ୍ଥାକୁ ଶାନ୍ତ କରିବାକୁ ଚେଷ୍ଟା କରିବା ତାଂ ପକ୍ଷରେ ଧୃଷ୍ଟତା ନୁହେଁ ତ ଅଉ କଣ ? ଭଗବାନଙ୍କ ନାମରେ କି ଧପ୍ପାବାଜି ! ବିଧାତାଙ୍କ ନାମରେ ଏ କି ପରିହାସ ? ତଥାପି ରାଜଧର୍ମ ଦ୍ୱାରା ଅନୁମୋଦିତ ହୋଇ ଏଇ ପ୍ରଥା କେଉଁ ଯୁଗରୁ ଚାଲି ଆସୁଛି ।

ତଥାପି ପୁରୋହିତଙ୍କର ଦୋଷ କଣ ? ତାଙ୍କର ଶିକ୍ଷା ବା କେତେ ? ଜ୍ଞାନ ବି କେତେ ? ସାମାନ୍ୟ କେତୋଟି ଟଙ୍କାର ଲୋଭରେ ସେ ଏଇ କାମ କରୁଛନ୍ତି । ଏହାହିଁ ତାଙ୍କର ଜୀବିକା । ଏହା ନକଲେ ସେ ବଞ୍ଚିବେ କିପରି ? ମୋର ତାଙ୍କ ପ୍ରତି ଅଶ୍ରଦ୍ଧା ଦେଖାଇବା ଉଚିତ ନୁହେଁ । ତଥାପି ଉପାୟ କଣ ? ମୋ ନିଶ୍ୱାସର ସ୍ପର୍ଶରେ ଚତୁର୍ଦ୍ଦିଗ ଜଳି ଯାଉଛି । ମୋର ମୁଖରୁ ବିଷ ଉଦ୍‌ଗୀରଣ ହେଉଛି । ମୁଁ କଣ କରିବି ? କଠିନ କର୍ତ୍ତବ୍ୟ !

ପ୍ରହରୀ ମୋ ପାଇଁ ନାନା ପ୍ରକାରର ଖାଦ୍ୟ ନେଇ ଆସିଲା । ଏହା ହିଁ ମୋର ଏଇ ଜୀବନର ଶେଷ ଭୋଜନ ।

ବହୁତ ଗୁଡ଼ାଏ ଖାଇ ପକାଇଲି । ଏହାପରି ତୁଚ୍ଛ ଘୃଣା, ଏହିପ୍ରକାର ହୀନଭାବ ! ନା, ଏହା ମୋର ଗଳାର ତଳକୁ ଗଳିଯିବ ନାହିଁ ।

—ଚଉସ୍ତର—

—୧୯—

ହଠାତ୍ ଜଣେ ଲୋକ ଆସି ଠିଆ ହୋଇଗଲା । ମୁଣ୍ଡରେ ଟୋପି । ଖୁବ୍ ବ୍ୟସ୍ତ ପରି ଜଣା ପଡୁଥାଏ । କାହା ପ୍ରତି ଲକ୍ଷ୍ୟ ନାହିଁ । ହାତରେ ଟେଜ ଫିତା । କାଖରେ କାଗଜ ବଣ୍ଡିଲ । ଆସିବା ମାତ୍ରେ ସେ କାନ୍ଥ ମାପିବାରେ ଲାଗିଗଲା । "ପାଞ୍ଚ ଫୁଟ ! ଏହା ବଦଳାଇବାକୁ ପଡ଼ିବ ।" ଏହାପର କେତେ କଣ ଜଣେ ପ୍ରହରୀ ସଙ୍ଗେ କଥାବାର୍ତ୍ତା ହେବାରେ ଲାଗିଲା ।

ପ୍ରହରୀକୁ ପଚାରି ବୁଝିଲି ସେ ଜଣେ କଣ୍ଟ୍ରାକ୍ଟର । ଜେଲଖାନାର ସଂସ୍କାର ହେବ । ସେ ମାପ ନେଉଛି ।

କାମ ଶେଷ କରି ସାରି ସେ ମୋତେ ପଚାରିଲା, "ଆପଣଙ୍କର କଣ ଆଜି ଫାଶୀ ହେବ ?"

ମୁଁ ଚୁପ୍ ରହିଲି । ସେ ମତେ ଏକା ଲୟରେ ଚାହିଁ ରହିଲା ।

— ପଞ୍ଚସ୍ତର —

ସେ କହିଲା, "ଛ'ମାସ ପରେ ଏଇ ଜେଲଖାନାକୁ ଚିହ୍ନିବା ମୁସ୍କିଲ ହେବ । ସବୁ ଅଦଳବଦଳ ହୋଇ ଯାଇଥିବ । ସେତେବେଳେ ଏଇ ଜେଲ୍ ଖୁବ୍ ସୁନ୍ଦର ଦେଖାଯିବ ।"

ଅର୍ଥାତ୍ ତା କଥାର ସାରାଂଶ ହେଉଛି—ମୁଁ ବଡ଼ ହତଭାଗ୍ୟ । କାରଣ ନୂଆ ଜେଲ୍ ଦେଖିବା ମୋ ଭାଗ୍ୟରେ ନାହିଁ ।

ଓଠରେ ଏକ କ୍ଷୀଣ ହସ ଖେଳିଗଲା ।

ପ୍ରହରୀ ତାକୁ କହିଲା, "ଏଠି ଠିଆ ହେବା ପାଇଁ ହୁକୁମ ନାହିଁ । ଆପଣଙ୍କ କାମ ଶେଷ ହୋଇଗଲାଣି ଯଦି, ବାହାରକୁ ଯାଆନ୍ତୁ ।"

ସେ ଚାଲିଗଲା । ମୁଁ ସେ ମାପୁଥିବା କାନ୍ଥ ପରି ନିଶ୍ଚଳ ହୋଇ ବସି ରହିଲି ।

ଏଇ ସମୟରେ ଗୋଟିଏ ମଜା କଥା ଘଟିଲା ।

ପ୍ରହରୀ ବଦଳିଲେ । ନୂଆ ପ୍ରହରୀ ଆସିଲା । ତାର ଚେହେରା ଯେପରି ଭୟଙ୍କର, ସ୍ୱର ବି ସେହିପରି କର୍କଶ । ସାକ୍ଷାତ ଯମଦୂତ ।

ପ୍ରହରୀ କହିଲା, "ଅଚ୍ଛା ତୁମ ମନରେ କଣ ଦୟାମାୟା ନାହିଁ ?"

ମୁଁ କହିଲି, "ନା ।"

ମୋ ତୀକ୍ଷ୍ଣ କଥା ଶୁଣି ବି ସେ ଚୁପ୍ ହେଲା ନାହିଁ । ସେ କହିଲା, "ପଦେ କଥା କହୁଛି, ଶୁଣ ।"

ମୁଁ କହିଲି, "ମତେ ରସିକତା ଭଲ ଲାଗେ ନାହିଁ ।"

—ଙ୍କୁର—

ସେ କହିଲା, "ମୁଁ ଭାରି ଦୁଃଖୀ ମଣିଷ ଭାଇ । ଭାଙ୍ଗି ଗୁଡ଼ା କପାଳିଆ । ଯଦି ତମେ ଦୟା କରନ୍ତ ତେବେ ମୁଁ ଜୀବନସାରା, ସବୁଦିନ ପାଇଁ ତୁମ ପାଖେ କୃତଜ୍ଞ ରହନ୍ତି ।"

"ସବୁଦିନ ପାଇଁ ? 'ସବୁ' ତ ସଞ୍ଜ ଆଗରୁ ଶେଷ ହୋଇଯିବ । ତୁମେ କ'ଣ ପାଗଳ ? ମୁଁ ମରିବାକୁ ବସିଲିଣି । ଏତେବେଳେ ମୁଁ କାହାରିଁ କି ଉପକାର କରି ପାରିବି ?"

ତଥାପି ସେ ଛାଡ଼ିଲା ନାହିଁ । କହିଲା, "ଟିକିଏ ଶୁଣ ଭାଇ !" ଚାରିଆଡ଼େ ଥରେ ଆଖି ବୁଲାଇ ନେଇ ସେ ଧୀରେ ଧୀରେ କହିଲା, "ଦେଖ ଭାଇ, ମୋ କପାଳ ତୁମ ହାତରେ । ବଡ଼ ଗରିବ ମୁଁ । ଏଇ କାମ ଭାରି ଭିଡ଼ । ଦରମା ବି ଖୁବ୍ କମ । ଏହା ଛଡ଼ା ନିଜ ପାଖେ ଘୋଡ଼ାଟିଏ ବି ରଖିବାକୁ ପଡ଼େ । ଗରିବର ସୁଖ ତ ଏଇପରି ! ଏଇଥିପାଇ କେତେବେଳେ କେମିତି ମୁଁ ଲଟେରୀ ଟିକେଟ କିଣେ । ଶେଷ ଜୀବନରେ ତ କଣ ଗୋଟାଏ କରିବାକୁ ହେବ ! ସାତ ଅଠ ବର୍ଷ ମୁଁ ଲଟେରୀ ଟିକେଟ କିଣିବାରେ ଏତେ ଟଙ୍କା ଖର୍ଚ୍ଚ କରି ଦେଲିଣି; ତଥାପି ପଇସାଟିଏ ବି ଲାଭ ହେଲା ନାହିଁ । ଯଦି ୩୬ ନମ୍ବର ଟିକେଟ କିଣେ ତ ୩୩ ନମ୍ବରବାଲା ଜିଣିଯାଏ । ଆଉ ଯଦି ମୁଁ ୬୩ ନମ୍ବର ଟିକେଟ କିଣେ ୩୬ ବା ୩୮ ନମ୍ବର ବାଲାର ଭାଗ୍ୟ ଖୋଲିଯାଏ । ମୁଁ ଏବେ କଣ ଭାବୁଛି ବୁଝି ପାରୁଛ ତ ?" ଏହା କହି ସେ ମୋ ଆଡ଼େ ଚାହିଁଲା ।

ମୁଁ ପଚାରିଲି, "କଣ ଭାବୁଛ ?"

ସେ କହିଲା, "ତୁମେ ବୋଧହୁଏ ମୋର କିଛି ସୁବିଧା କରି ପାରିବ ।"

ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ପଚାରିଲି, "ମୋ ଦ୍ୱାରା ତମର କି ସୁବିଧା ହେବ ?"

—ସତସ୍ତର—

ସେ କହିଲା, "ସବୁ ତୁମର ହାତରେ । ଶୁଣ, କହୁଛି । ମରିଯିବା ପରେ ମଣିଷ ଭୂତ, ଭବିଷ୍ୟତ, ବର୍ତ୍ତମାନ ସବୁ ଦେଖି ପାରେ । ତୁମେ ତ ଆଉ କେତେ ସମୟ ବାଦେ ମରିବ । ଏଇଥି-ପାଇଁ ପରି କହୁଥିଲି—ବୁଝି ପାରିଲ ତ ? ମଲା ପରେ ତୁମେ ଯଦି ମତେ ଠିକ୍ ଟିକେଟ ନମ୍ବରଟା ବତେଇ ଦିଅନ୍ତ ମୁଁ ସେଇ ନମ୍ବରର ଟିକେଟଟା କିଣିପକାନ୍ତି । ଆଉ ରାତାରାତି ବଡ଼ଲୋକ ହୋଇଯାନ୍ତି । ଏଇ ରିକ୍ସାଟା ଛାଡ଼ି ଦିଅନ୍ତି । ଖୁବ୍ ଆନନ୍ଦରେ ରୁହନ୍ତି । ଶୁଣ, ଭୂତକୁ ମୁଁ ଡରେ ନାହିଁ । ବୁଝିଲ ତ ? କିଛି ଅସୁବିଧା ହେବ ନାହିଁ । ମୋ ନାଁ କାସେଁ । ବି ନମ୍ବର ବାରିକ, ୬୭ ନମ୍ବର ଖଟ । ମନେ ରହିବ ତ ? ଆଜି ରାତିରେ ଆସି କହିଦିଅ । ହଁ ଭାଇ, ତୁମକୁ ଏଇ ଉପକାର କରିବାକୁ ହେବ ।"

ମୁଁ ନୀରବ ରହିଲି । ଉତ୍ତର ଦେବାପାଇଁ ଇଚ୍ଛା ହେଲା ନାହିଁ । ତଥାପି ଗୋଟିଏ ଜଇ ଆଶା ମନର ଅଭ୍ୟନ୍ତରରେ ଖେଳି ଉଠିଲା । ଥରେ ମାତ୍ର ଶେଷ ଚେଷ୍ଟା ।

ମୁଁ କହିଲି, "ତମର ଧନ ଦରକାର, ନୁହେଁ ?"

"ହଁ, ହଁ, ।"

ମୁଁ କହିଲି, "ଭଲ କଥା । ମୁଁ ତୁମକୁ ବହୁତ ଧନ ଦେବି । ଯଦି ଗୋଟିଏ କାମ କରି ପାରନ୍ତ..."

ସେ ଚମକି ପଡ଼ିଲା । କହିଲା, "କଣ କହ, ଏବେ କରିବି । ଯେତେ ଭଡ଼ା କାମ ହେଉ ପଛେ, ପଛକୁ ହଟିବାବାଲା ମୁଁ ନୁହେଁ ।"

ମୁଁ କହିଲି, "କେବଳ ଆମେ ଦୁହେଁ ନିଜ ଭିତରେ ପୋଷାକ ବଦଳାଇବା—ଏତିକି ମାତ୍ର କାମ ।"

—ଅଠସ୍ତରି—

"ଏଇ କାମ ତ ?" କହୁ କହୁ ସେ ନିଜ ବୋତାମ ଫିଟାଇବାକୁ ଅରମ୍ଭ କଲା ।

ମୁଁ ଉଠି ଠିଆ ହେଲି । ଛାତି ଥରବାକୁ ଲାଗିଲା । ମିନିଟିଏ ସୁଦ୍ଧା ବିଳମ୍ବ କରିବା ଉଚିତ ନୁହେଁ । ମୁହୂର୍ତ୍ତେ ବିଳମ୍ବ ହେଲେ ସବୁ ମାଟି ହୋଇଯିବ । ଓଃ ଭଗବାନ ! ଧନ୍ୟ ତୁମେ ! ମୁଁ ସ୍ୱପ୍ନ ଦେଖିପାରିଲି, ମୋ ଆଗରେ ସବୁ ଦ୍ୱାର ଖୋଲିଗଲା । କୌଣସି ପ୍ରକାର ବନ୍ଧନ ନାହିଁ । ମୁକ୍ତ ଆକାଶ ତଳେ ମୁଁ ଠିଆ ହୋଇଛି । ମୁଣ୍ଡ ଉପରେ ପକ୍ଷୀମାନେ ଗୀତ ଗାଇଗାଇ ଉଡ଼ି ଯାଉଛନ୍ତି । ସ୍ନିଗ୍ଧ ଶୀତଳ ବାୟୁର ସ୍ପର୍ଶ ବି ମୁଁ ଅନୁଭବ କଲି । ବାଃ— ଏଇ ଜୀବନ ହିଁ ସମ୍ପୂର୍ଣ୍ଣ ନୂତନ ଜୀବନ !

ହଠାତ୍ ପ୍ରହସି ରହିଗଲା । କହିଲା, "ଓହୋ, ବୁଝିଲି ତୁମ ମତଲବ । ପଳାଇ ଯିବାକୁ ଚାହୁଁଛ ?"

ଗଳା ସଫା କରି କହିଲି, "ତା' ନହେଲେ ଠିକ୍ ମୁଁ ତୁମକୁ କାହିଁକି ଦେବି ?"

ସେ ପୁଣି ନିଜ ବୋତାମ ଲଗାଇବାରେ ଲାଗିଲା । ମୋ ଦେହରେ ବିଜୁଳି ଖେଳିଗଲା । ମୁଣ୍ଡର ରକ୍ତ ଗରମ ହୋଇଗଲା ।

ସେ କହିଲା, "ନା, ଏହା କିପରି ହୋଇପାରେ ? ମୁଁ ଏ କାମ କରି ପାରିବି ନାହିଁ । ଅଡ଼ୁଆ କଥା । ମରିସାରି ତୁମେ ନମ୍ବର କହିଦେବ । ଏଇପରି ପଳାଇଯାଇ, ଆରେ ବାପ୍‌ରେ !"

ମୁଁ ବସିଗଲି । ପାଦ ଥରୁଥିଲା । ଆଶା ନାହିଁ—କୌଣସି ଆଶା ନାହିଁ । ନିରାଶାର ବେଦନାରେ ନିଃଶ୍ୱାସ ବନ୍ଦ ହୋଇଯିବ ସେପରି ।

ଦୁଇ ହାତରେ ମୁହଁ ଢାଙ୍କି ମୁଁ ବସିଥିଲି । ଅତୀତର କଥା ସବୁ ମନେ ପଡ଼ୁଥିଲା । ସ୍ୱପ୍ନ ପରି ବାଲ୍ୟ ଓ ମଧୁର କିଶୋର ଅବସ୍ଥାର କଥା ! ଦୁର୍ଭାବନା ଏବଂ ଦୁଶ୍ଚିନ୍ତା ମଧ୍ୟରେ ଏଇ ସ୍ମୃତି —ଯେପରି ଶୁଭ୍ର, ସୁନ୍ଦର ପୁଷ୍ପର ଏକ ତୋଡ଼ା !

ପ୍ରଫୁଲ୍ଲ ମୁଖ, ନିଶ୍ଚିନ୍ତ ଜୀବନ—କି ମଧୁର ! ବଗିଚାରେ ଦୌଡ଼, ବନ୍ଧୁମାନଙ୍କ ନିର୍ମଳ ସ୍ନେହ—କି ସୁଖର ସାମ୍ରାଜ୍ୟ ! ତାପରେ ସେଇ ସ୍ୱପ୍ନରାଜ୍ୟର ନବୀନ ଆଲୋକର ଉନ୍ମେଷ ! ନିରୋଳା କାନନର ସେଇ ତରୁଣୀ ବାଳା !

ବଡ଼ ବଡ଼ ଆଖି, ଦୀର୍ଘ କେଶ, ଗୌରବର୍ଣ୍ଣ, ଗୋଲାପୀ ଅଧର—ଅପୂର୍ବ ରୂପସୀ ! ବଗିଚାରେ ଆମେ ଦୁହେଁ ଖେଳୁଥିଲୁ — ହସ, ଗୀତ, ମଧୁ ଗୁଞ୍ଜନ !

କଳହ ବି କମ ହେଉ ନ ଥିଲା । ତାର ସ୍ୱଭାବ ଥିଲା ଶାନ୍ତ ଅତି ମଧୁର । ପକ୍ଷୀ ବସାରୁ ପକ୍ଷୀ ଛୁଆଣି ଯେତେବେଳେ ମୁଁ

ଧୀରେ ଧୀରେ ଗଛ ଉପରୁ ଓହ୍ଲାଉଥିଲି, ସେତେବେଳେ ତାହାର ଆଖିରେ ସେ ମତେ ଗୁହୁଁଥିଲା । ସେଦିନ ସେ ବିକଳ ହୋଇ କହିଲା, "ତୁମେ କାହିଁକି ଛୋଟ ଛୋଟ ଚଢ଼େଇ ବସାରୁ ଛୁଆଙ୍କ ଅଣୁଚ ? ଓଃ, ତୁମେ ଭାରି ନିଷ୍ଠୁର !"

ମୋ ବୀରତ୍ୱର ଏଇ ପ୍ରଶଂସା ? ରାଗରେ ସେ ଚଢ଼େଇଟି ତା ମୁହଁ ଉପରକୁ ଫୋପାଡ଼ି ଦେଲି । ଘରକୁ ଫେରିବା ପରେ ଯେତେବେଳେ ମା ତାକୁ ପଚାରିଲେ, "ତୋ ମୁହଁ ଖଣ୍ଡିଆ ହେଲା କେମିତି ?" ସାଙ୍ଗେ ସାଙ୍ଗେ ସେ ଉତ୍ତର ଦେଲା, "ପଡ଼ି ଯାଇଥିଲି ।"

ତାପରେ କେତେଦିନ ସେ ମୋ ସାଙ୍ଗେ ନଦୀ କୂଳରେ ବୁଲିଛି । କେତେବେଳେ ଧୀରେ ଧୀରେ ତ ଆଉ କେତେବେଳେ ଚଞ୍ଚଳ ଭାବରେ । କୂଳରେ ନଦୀର ଲହରୀକୁ ଦେଖୁଥିଲୁ— ସଂଧ୍ୟା ହୋଇ ଯାଉଥିଲା, ଚତୁର୍ଦ୍ଦିଗ ଧୀରେ ଧୀରେ ଅନ୍ଧକାରରେ ଅସ୍ପଷ୍ଟ ହୋଇ ଆସୁଥିଲା । ମୃଦୁ ସଙ୍ଗୀତ ପରି ନଦୀର ଜଳ କୂଳରେ ଆସି ମୁଣ୍ଡ ପିଟୁଥିଲା । ମୁଁ ବି ଖୁବ୍ ଧୀରେ ଧୀରେ କଥା କହୁଥିଲି । କେତେ କଥା—ଦେଶର, ବିଦେଶର, ପ୍ରେମର, ପ୍ରଣୟର । ବେଳେବେଳେ ତାର ମୁହଁ ଲଜ୍ଜାରେ ଲାଲ ହୋଇ ଉଠୁଥିଲା । ନା ଲାଲ ନୁହେଁ, ଗୋଲାପୀ ।

ଖରାଦିନର ସଂଧ୍ୟା । ଆମେ ବଗିଚାର ବାଦାମ ଗଛ ତଳେ ବସିଥିଲୁ ।

ହଠାତ୍ ତା ହାତରୁ ରୁମାଲ ଖସି ପଡ଼ିଲା । ମୁଁ ତାକୁ ଗୋଟାଇ ତା ହାତରେ ଦେଲି । ସ୍ପର୍ଶରେ ମୋ ଦେହ ଥରି ଉଠିଲା ।

ସେ କହିଲା, "ଦୌଡ଼ିବା ଆସ।" କେଶଗୁଚ୍ଛ ଝାଲେଇ ପଡ଼ି ଝୁଲୁଥିଲା, ନାଚୁଥିଲା। ରକ୍ତିମ ଗ୍ରୀବା, ଯେପରି ରକ୍ତ ରଙ୍ଗର ମେଘ ଉପରେ ବିଜୁଳିର ଏକ ରେଖା !

ସେ ବସି ପଡ଼ିଲା। କପାଳରେ ମୋତି ପରି ଝାଳର ବିନ୍ଦୁ। ମୁଁ ତା ପାଖରେ ଆସି ବସିଲି। ସେ ଅଣନିଃଶ୍ୱାସୀ ହୋଇ ଯାଇଥିଲା। ମୁଁ ତାକୁ ଚାହିଁଲି।

ସେ କହିଲା, "ପଢ଼। ଏବେ ବି ଆଲୁଅ ଅଛି। ତୁମ ପାଖରେ ଯଦି ବହି ଅଛି ବାହାର କର। ପକେଟରେ ଅଛି କି ?"

ମୋ ପକେଟରେ ଉପନ୍ୟାସଟିଏ ଥିଲା। ମୁଁ ତାହା ବାହାର କଲି। ମୋ କାନ୍ଧ ଉପରେ ମୁହଁ ରଖି ସେ ପଢ଼ିବାରେ ଲାଗିଲା। ଭଲ ଲେଖାପଢ଼ା ସେ ଜାଣିଥିଲା। ତୀକ୍ଷ୍ଣ ବୁଦ୍ଧି ବି ତା'ର ଥିଲା।

କିଛି ସମୟ ପଢ଼ିବା ପରେ ସେ ମତେ ଚାହିଁ ପଚାରିଲା, "ତୁମେ ଶୁଣୁଛ ତ ?" ସତ କହିବାକୁ ଗଲେ ମୁଁ କେବଳ ତାକୁ ଦେଖୁଥିଲି। ଶୁଣିବାକୁ ସମୟ କାହିଁ ?

ସେ ମୁହଁ ଟେକି ଚାହିଁବାବେଳେ ଆମ ଦୁହିଁଙ୍କ ଦୃ ମିଶିଗଲା। ତା ନିଃଶ୍ୱାସର ସ୍ପର୍ଶ ମୁଁ ମୋର ଚିବୁକରେ ଅନୁଭବ କଲି। ତାପରେ ଆମ ଦୁହିଁଙ୍କ ଓଠ ବି ମିଶିଗଲା।

ପୁଣି ଯେତେବେଳେ ବହି ଖୋଲେ ସେତେବେଳେ ଆକାଶର ତାରାମାନେ ଆମକୁ ଦେଖି ହସୁଥିଲେ।

—ଛୟାଅଁଶି—

ଘରକୁ ଫେରି ସେ ମା'ଙ୍କୁ କହିଲା, "ମା, ଆଜି ଆମେ ଦୁହେଁ ଖୁବ୍ ଦୌଡ଼ିଛୁ ।" ମୁଁ ନୀରବ ରହିଥାଏ । ମା ପଚାରିଲେ, "ତୁମେ ଚୁପ୍ ରହିଛ କାହିଁକି ?"

ନୀରବ କାହିଁକି ? ଆନନ୍ଦ ଓ ହର୍ଷର ସ୍ରୋତ ମୋ ହୃଦୟରେ ବହୁଥିଲା । ସେଇ ସ୍ନିଗ୍ଧ ସୁନ୍ଦର ସଂଧ୍ୟାର କଥା ଏ ଜୀବନରେ କେବେ ଭୁଲି ପାରିବି ନାହିଁ ।

ଏ ଜୀବନ, ଓଃ ଆଉ କେତେ ବାକୀ ?

—ଶେଷାଂଶ—

କେତେ ସମୟ ହେଲାଣି ଜାଣେ ନାହିଁ। ଶିର ମଧ୍ୟରେ ଚିନ୍ତା ରାଶି କୋଳାହଳ କରୁଛନ୍ତି ।

ଅପରାଧ କଥା ଭାବିବା ମାତ୍ରେ ଦେହ କମ୍ପି ଉଠୁଚି । କିନ୍ତୁ ଏଇ ଅନୁତାପ କରି ଆଉ କି ଲାଭ ?

ଦଣ୍ଡ ମିଳିବା ପୂର୍ବରୁ ଅନୁତାପର ଯେଉଁ ବୀଜ ହୃଦୟକୁ ଭାରି କରି ରଖିଥିଲା, କାହିଁ ତାହା ? ମୃତ୍ୟୁ ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ସମୟ କାହିଁ ? ଅତୀତ କଥା ଭାବିଲେ ମଧ୍ୟ ସେଇ ଫାଶୀର ଦଉଡ଼ି ଆଖି ଆଗରେ ନାଚୁଛି । କି ସୁନ୍ଦର ଶୈଶବ, କି ମଧୁର କୈଶୋର ! ଓଃ, ଆଜି ଏପରି ଭାବରେ ତାହା ଫାଶୀର ତକ୍ତା ଉପରେ ଲୋଟିଯିବ ? ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ଲୋହିତ ସାଗରର ତଫାତ୍ ରହିଗଲା ।

ଯେଉଁମାନେ ମୋର ଜୀବନୀ ପଢ଼ିବେ, ବୋଧହୁଏ ସେମାନେ ମତେ ଘୃଣା କରିବେ । ସତେ କ'ଣ ମୁ ଏତେ ଖରାପ ? ନା, ମୋଟେ ନୁହେଁ ।

-ଲେଖିକା —

ଅଳ୍ପ ସମୟ ପରେ ସବୁ ଚିନ୍ତା, ସବୁ ଭାବନା ଶେଷ ହୋଇଯିବ । ପୁଣି ବେଶୀ ଦିନର କଥା ନୁହେଁ । ଦିନେ ନଦୀ କୂଳରେ ବୃକ୍ଷର ଛାୟାରେ ଝରାପତ୍ର ଉପରେ ମୁଁ ସ୍ୱଚ୍ଛନ୍ଦରେ ବୁଲୁଥିଲି ।

ମୋର ଏଇ କ୍ଷୁଦ୍ର କୋଠରୀ ନିକଟରେ ଅନେକ ଗୃହ ବର୍ତ୍ତିମାନ ତରୁଣ ତରୁଣୀମାନଙ୍କ ମୃଦୁଗୁଞ୍ଜନ ଓ ଶିଶୁମାନଙ୍କ ଉଚ୍ଛ୍ୱାସରେ ପୂରିଯିବ । ଆଶା ନିରାଶା, ଓ ସୁଖ ଦୁଃଖର ଭାର ବହି ବର୍ତ୍ତିମାନ ନରନାରୀ ଚାଲିବେ । ପୁଣି ଫେରିବାଲାମାନେ ଡାକି ଡାକି ସେମାନଙ୍କ ଜିନିଷ ବିକ୍ରି କରିବେ । କେଉଁ କୁଞ୍ଜରେ ଯୁବକ ନିଜର ପ୍ରିୟତମାକୁ ପ୍ରଗାଢ଼ ଆଲିଙ୍ଗନରେ ବନ୍ଦୀ କରି ନିବିଡ଼ ଚୁମ୍ବନ ଦେବ । ଜୀବନର ନିର୍ଝର ଚତୁର୍ଦ୍ଦିଗରେ ବହିଯିବ । ଆଉ ମୁଁ ?

ଅତୀତର କଥା ମନେ ପଡୁଛି । ନୋଟରଡାମର ଘଣ୍ଟା ଦେଖିବାକୁ ଯାଇଥିଲି । ସେତେବେଳେ ମୁଁ ପିଲା । ଅନ୍ଧାରରେ ଅଙ୍କାବଙ୍କା ଅସଂଖ୍ୟ ପାହାଚ ପାର ହେଉହେଉ ମୋ ମୁଣ୍ଡ ବୁଲାଇ ଦେଲା । ଉପରକୁ ଯାଇ ଦେଖିଲି ସାରା ପ୍ୟାରିସ ସହରକୁ କିଏ ଯେପରି ଗାଲିଚା କରି ପାଦତଳେ ବିଛାଇ ଦେଇଛି ।

ଘଣ୍ଟା ଦେଖିଲି । କି ପ୍ରକାଣ୍ଡ ଭାରି ଘଣ୍ଟା ! ମୁଁ ସହରକୁ ଏକ ଲୟରେ ଦେଖୁଥିଲି । ସେଇ ଉଚ୍ଚ ମୀନାର ଉପରୁ ରାସ୍ତା ଉପରେ ଚାଲୁଥିବା ମଣିଷମାନେ ଛୋଟ ଛୋଟ ଖେଳଣା ପରି ଦେଖା ଯାଉଥିଲେ । ଭୀଷଣ ଶବ୍ଦ କରି ଘଣ୍ଟା ବାଜି ଉଠିଲା ଘଣ୍ଟା ଶବ୍ଦରେ ଗମ୍ବୁଜ ଥରି ଉଠିଲା । ମୋ ହାତ ବି ଥରିଗଲା ମୁଁ ତଳେ ବସି ପଡ଼ିଲି । ଘଣ୍ଟା ଶବ୍ଦ ବନ୍ଦ ହେବା ପରେ ମଧ୍ୟ ପ୍ରତିଧ୍ୱନି ଅନେକ ବେଳଯାଏ ଶୁଣାଯାଉଥିଲା ।

ଅଣ୍ଡ ମଧ୍ୟ ସେହିପରି ଜଣା ପଡ଼ୁଛି । ଘଣ୍ଟା ଶବ୍ଦ ନାହିଁ । କିନ୍ତୁ ଚତୁର୍ଦ୍ଦିଗରେ କୋଳାହଳ ଲାଗି ରହିଛି । ଗୋଟିଏ କ୍ଷୀଣ ଶବ୍ଦର ଝଙ୍କାର କାନପାଖେ ଶୁଣାଯାଉଛି । କପାଳର ଶିରା ପ୍ରଶିରା ଧକ୍ ଧକ୍ କରିବାରେ ଲାଗିଛନ୍ତି । ନିଜର ଚତୁର୍ଦ୍ଦିଗ ଛାୟା ପରି ମୁଁ ଦେଖୁଛି । ଅସଂଖ୍ୟ ନରନାରୀ ହସି ହସି ପାଟି କରି କରି ଯିବା ଆସିବା କରୁଛନ୍ତି । ଏହା କଣ ସେମାନଙ୍କର ଆନନ୍ଦର ପ୍ରତିଧ୍ୱନି ?

ମୀଲ୍ ହୋଟେଲର ଉଚ୍ଚ ଗମ୍ବୁଜର ଘଣ୍ଟା ମଧ୍ୟ ଦେଖା ଯାଉଥିଲା । ପ୍ଲେ—ଦ—ଗ୍ରେଭର ନିଷ୍ଠୁର ପଥରର କାନ୍ଥ ନିକଟରେ ସେ ଘଣ୍ଟା । କେତେ ପୁରାତନ ସେ କାନ୍ଥ । ସେଇ ପୁରାତନ ଘଣ୍ଟା ଯେପରି ତାର ପୁରାତନ ସଖୀ ।

ଯେଉଁଦିନ ଫାଶୀର ଦଉଡ଼ି ଧରି ଜଣେ କେଉଁ ଏକ ଅଜ୍ଞାତ ପୁରୀର ଘନ ଅନ୍ଧକାର ଭିତରକୁ ଝୁଲିପଡ଼େ ସେଇଦିନ ପ୍ଲେ—ଦ—ଗ୍ରେଭ୍‌ର ପ୍ରତ୍ୟେକ ଦ୍ୱାରରେ ଅସଂଖ୍ୟ କୌତୁହଳୀ ପ୍ରହରୀଙ୍କର ଦୃଷ୍ଟି ପଡ଼େ । ହତଭାଗ୍ୟ ମୃତ୍ୟୁ ପଥର ଯାତ୍ରୀହିଁ ଏଇ ବ୍ୟଗ୍ର ଦୃଷ୍ଟିର ଲକ୍ଷ୍ୟ । ଏଇ ଦୃଷ୍ଟିର ସମ୍ମୁଖରେ ଆପଣାର ସମସ୍ତ କାହାଣୀ ଶେଷ କରି ଦେବାକୁ ହେବ । ସଂଧ୍ୟାବେଳେ ହୋଟେଲର ସେଇ ଜ୍ୱଳନ୍ତ ଘଣ୍ଟା ଚନ୍ଦ୍ର ପରି ହସିବ ।

ଗୋଟାଏ ବାଜି ପନ୍ଦର ମିନିଟ୍ !

ଏଇ ସମୟରେ ମୋର ଅବସ୍ଥା ! ଅସହନୀୟ ଯନ୍ତ୍ରଣା ! ମସ୍ତିଷ୍କ ମଧ୍ୟରେ କିଏ ଯେପରି ନିଆଁ ଲଗାଇ ଦେଇଛି ! ଯେତେବେଳେ ମୁଁ ବସି ପଡ଼େ କିମ୍ବା ଠିଆ ହୁଏ, ମନେହୁଏ ମସ୍ତିଷ୍କ ମଧ୍ୟରେ ଏକ ରୁଦ୍ଧ ନଦୀର ସ୍ରୋତ ଯେପରି କଳ କଳ

ନୀରବରେ ବହି ଯାଉଛି । ଯେପରି ମସ୍ତିଷ୍କର ବଳ ଲାଗି ଏବେ ତାହାରକୁ ବାହାରି ପଡ଼ିବ ।

କେଉଁ ଏକ ଅଜଣା ଦେହରେ ରୋମାଞ୍ଚ ଆଣୁଛି । ଅଙ୍ଗୁଳିରୁ କଲମ ପଡ଼ିଯିବାକୁ ଲାଗୁଛି । ହାତରେ ବିଜୁଳିର ତରଙ୍ଗ । ଆଖିରେ ଅଶ୍ରୁ ଟଳ ଟଳ ହେଉଛି । ମନେ ହେଉଛି ମୁଁ ଯେପରି ଏକ ଧୂମାଚ୍ଛନ୍ନ କୋଠରୀରେ ବସି ରହିଛି । ଦେହର ପ୍ରତି ଅଂଶରେ ପୀଡ଼ା । ଏବେ ଆଉ ଦୁଇ ଘଣ୍ଟା ପାଇଁ କେତେ ମିନିଟ ବାକି । ତାପରେ ଚିରଦିନ ପାଇଁ ଶାନ୍ତି ମିଳିବ ।

ଲୋକେ କହନ୍ତି, ଯନ୍ତ୍ରଣା ! ତାହା କିଛି ନୁହେଁ । ବିଜ୍ଞାନରେ ଏପରି କୌଶଳ ଅଛି ଯେ ମରଣ ବେଳେ ମୋଟେ କଷ୍ଟ ହେବନାହିଁ । ଏହା କଣ ସତ୍ୟ ?

ଛଅଟାର ସେଇ କଷ୍ଟ ! ଏହାଠାରୁ କଣ ମୃତ୍ୟୁର ଯନ୍ତ୍ରଣା ବେଶୀ ହେବ ? ଏଇ ଯେଉଁ ମୁହୂର୍ତ୍ତ ମୁହୂର୍ତ୍ତ ବିତି ଯାଉଛି, ଜଣା ଯାଉଛି ଯେପରି ମୁଁ ବେଦନାର ଅସଂଖ୍ୟ ପାହାଚ ଅତିକ୍ରମ କରି ମୃତ୍ୟୁ ଦ୍ୱାରରେ ଧାଇଁ ବାକୁ ଲାଗିଛି । ଏହିପରି ଯନ୍ତ୍ରଣା, ଏହିପରି ବେଦନା — ଅସହନୀୟ !

ତଥାପି ତାହା କିଛି ନୁହେଁ ।

ଶିରା ପ୍ରଶିରାରୁ ଯେପରି ରକ୍ତ ଟପ୍ ଟପ୍ ହୋଇ ପଡ଼ୁଛି । ଛାତି ଉପରେ ଗୋଟାଏ ଭାରି ପଥର କିଏ ଯେପରି ଲଦି ଦେଇଛି ! ଓଃ, ନିଃଶ୍ୱାସ ବନ୍ଦ ହୋଇ ଆସୁଛି ।

କି ଯନ୍ତ୍ରଣା ! କିଏ ବୁଝିବ ? ବୁଝିବ ବା କିଏ ? ଫାଶୀ ପାଇବା ପରେ ଦେହହୀନ ମୁଣ୍ଡ ଯଦି ସେଇ ବେଦନାକୁ ବୁଝି ପାରନ୍ତା, ତାହାହେଲେ ବିଜ୍ଞାନର ପ୍ରଶଂସା ବିଜ୍ଞାନର ଟେବୁଲ ଉପରେ ରଖାଯାଇ ପାରନ୍ତା ।

— ସମାପ୍ତି —

ମୁହୂର୍ତ୍ତିକ ମଧ୍ୟରେ ସବୁ ଶେଷ ହୋଇଯିବ । ଏତେବଡ଼ ଜୀବନ ସବୁ ଶେଷ ହୋଇଯିବ । ଏଇ ଦର୍ଶକମାନେ, ଅସଂଖ୍ୟ ରାଜସୈନିକଗଣ ଏଇ ଯନ୍ତ୍ରଣାକୁ ବୁଝି ପାରିବେ ? ସେଇ ଭୟଙ୍କର ଡୋର ଏକ ମିନଟ୍ ମଧ୍ୟରେ ବେକକୁ ଚିପି ଦେବ । ତାପରେ ଦେହର ସମସ୍ତ ରକ୍ତ ନିସ୍ତବ୍ଧ ହୋଇଯିବ । ସମୁଦ୍ରର ଗତି ରୁଦ୍ଧ ହେବା ପରେ ରାଗରେ ସେ ଯେପରି ଫୁଲିବାକୁ ଲାଗେ, ବାଧାପାଇ ସାରା ଅନ୍ତର ବାହାରକୁ ଅସିବା ପାଇଁ ବଡ଼ ଦ୍ୱନ୍ଦ୍ୱ ଲଗାଇବ । ହାୟ ହତଭାଗ୍ୟ ! ଏଇ ଭୀଷଣ ଦ୍ୱନ୍ଦ୍ୱରେହ ସବୁ ଖେଳ ଶେଷ ହୋଇଯିବ । ଭିତର ସହିତ ବାହାରର ପ୍ରବଳ ସଂଗ୍ରାମ, ଓଃ କି ଭୟଙ୍କର ହେବ ?

ରାଜାଙ୍କ କଥା ମଧ୍ୟ ବାରମ୍ବାର ମନେ ପଡ଼ୁଚି । ମନରୁ ଏଇଚିନ୍ତା କୌଣସି ପ୍ରକାର ଦୂର ହେଉନାହିଁ । କାନେ କାନେ ଯେପରି କିଏ କହୁଚି, "ରାଜା ? ସେତ ଏବେ ଏଇ ସହରର ଗୋଟିଏ ବିରାଟ ପ୍ରାସାଦର ସଜ୍ଜିତ କୋଠରୀ ମଧ୍ୟରେ ବସିଛନ୍ତି । ମୋର ଚତୁର୍ଦ୍ଦିଗରେ ଯେପରି ପ୍ରହରୀମାନେ ଅଛନ୍ତି, ତାଙ୍କ ପାଖେ ମଧ୍ୟ ସେହିପରି ପ୍ରହରୀମାନେ ଅଛନ୍ତି । ତେବେ ମୋ ତାଙ୍କ ମଧ୍ୟରେ ପ୍ରଭେଦ କଣ ? ସେ ସାମାଜିକ- ପ୍ରତିଷ୍ଠାର ଉଚ୍ଚ ଆସନ ଉପରେ ଏବଂ ମୁଁ ଏକାଥରେ ସମସ୍ତଙ୍କ ତଳେ । ଏହାହିଁ ହେଉଚି ପ୍ରଭେଦ । ତାଙ୍କ ଜୀବନର ପ୍ରତି ମୁହୂର୍ତ୍ତି ଗୌରବମାପୂର୍ଣ୍ଣ, ମହିମା ମଣ୍ଡିତ, ଯଶ ଏବଂ ଉଲ୍ଲାସରେ ପୂର୍ଣ୍ଣ । ଚତୁର୍ଦ୍ଦିଗରେ ପ୍ରେମ ଭକ୍ତି ଓ ଶ୍ରଦ୍ଧାର ନିର୍ଝର ଝରୁଚି । ତାଙ୍କ ନିକଟରେ ଉଚ୍ଚ ସ୍ୱର ଶାନ୍ତ ହୋଇଯାଏ । ଦର୍ପିତ ଶିର ନତ ହୋଇଯାଏ । ତାଙ୍କ ନିକଟରେ ସ୍ୱର୍ଣ୍ଣ ରୌପ୍ୟର ସାମଗ୍ରୀ ଲଗାଲଗି ହୋଇ ରଖାଯାଏ । ସଭାସଦ ବେଷ୍ଟିତ ରାଜସିଂହାସନ ଉପରେ ବସି ସେ ଆଜ୍ଞା ଦିଅନ୍ତି । ସଂଭ୍ରାନ୍ତ

ସହ ଲୋକେ ତାହା ପାଳନ କରନ୍ତି । କେତେବେଳେ ଶିକାର, କେତେବେଳେ ବିଳାସ ବ୍ୟସନ, କେତେବେଳେ ଗୀତ ଓ କେତେବେଳେ ନୃତ୍ୟ । କେବଳ ଶ୍ରୀମୁଖରୁ ଅଜ୍ଞା ବାହାରିବା ସଙ୍ଗେ ସଙ୍ଗେ ଅସଂଖ୍ୟ ମଣିଷ ବିଳାସର ସାମଗ୍ରୀ ଏକତ୍ର କରିବାକୁ ବ୍ୟସ୍ତ ହୋଇ ଉଠନ୍ତି !

ରାଜା ! ସୋତ ମୋ ପରି ରକ୍ତ ଓ ନିଃଶ୍ୱାସରେ ତିଆରି ଏକ ଜୀବ—କ୍ଷୁଦ୍ର ମଣିଷ, ସେଇ ରାଜା ! ତଥାପି ସେ ତାଙ୍କ ଲେଖଣୀର ଗୋଟିଏ ଗାରରେ ମୋର ଫାଶୀ ବନ୍ଧ କରି ଦେଇ ପାରନ୍ତି ! ଜୀବନ, ସ୍ୱାଧୀନତା, ଐଶ୍ୱର୍ଯ୍ୟ, ସଂସାରର ସମସ୍ତ ସୁଖକୁ ମୁହୂର୍ତ୍ତିକ ମଧ୍ୟରେ ଏକତ୍ର କରି ପାରନ୍ତି । ଶୁଣିଚି, ଆମ ରାଜା ବଡ଼ ଦୟାଳୁ । ତଥାପି ମତେ ବଞ୍ଚାଇବା ତାଙ୍କ ଦୟାର ଅସତ୍ ବ୍ୟବହାର ହେବ ! ହାୟରେ ଦୟାର ଅବତାର !

—ଅଜ୍ଞାନଦେବ—

ତେବେ ଆସ ସାହାସ ! ମୃତ୍ୟୁର ଭୟକୁ ବିତାଡ଼ିତ କର ! କାହିଁକି ଭୟ ? କାହିଁକି ଆତଙ୍କ ? ଆସ ମୃତ୍ୟୁ ! ମୁ ହସି ହସି ତୁମକୁ ସ୍ୱାଗତ କରିବି । ଆନନ୍ଦରେ ତୁମକୁ ଆଲିଙ୍ଗନ କରିବି । ଆସ, ବନ୍ଧୁ ହୁଅ ବା ଶତ୍ରୁ ହୁଅ, ଆସ !

ଆଖି ବନ୍ଦ କରୁ କରୁ ଦେଖିବି, ଉଜ୍ଜ୍ୱଳ ଆଲୋକ ଚତୁର୍ଦ୍ଦିଗରେ ଖେଳୁଛି । ମୋର ଆତ୍ମା ସେଇ ଆଲୋକର ପ୍ଳାବନରେ ସ୍ନାନ କରିବା ପାଇଁ ଚାଲିଛି ! ଉଲ୍ଲସିତ ଅନନ୍ତ ଆକାଶରେ ଏଇ ଶୁଭ୍ର ଆଲୋକ ଯେପରି ଶରୀର ଉପରେ ଏକ କ୍ଷୁଦ୍ର ତିଳ ଚିହ୍ନ ! ମଖମଲ ପରି କୋମଳ ଆକାଶ ଉପରେ ଯେପରି ହୀରା ବିଛାଇ ଦିଆଯାଇଛି ! ସେ ସମୟରେ ତାହା ଏପରି ହୋଇ ରହିବ ନାହିଁ ।

ବୋଧହୁଏ ହତଭାଗା ମୁଁ ଦେଖିବି ସେଇ ଘନ ଅନ୍ଧକାରରେ ମୋର ଶିର ଶୂନ୍ୟ ଦେହ ପଡ଼ିରହିଛି ଏବଂ କବରର ଚତୁର୍ଦ୍ଦିଗରେ ଭୂତ ପ୍ରେତମାନଙ୍କ ଉପଦ୍ରବ ଲାଗି ରହିଛି । ସେଇ ଫାଶୀର ପବନରେ ସଂସାର ପର୍ଦ୍ଦାର ଗୋଟିଏ ଅଂଶ ଫାଟି ଯାଇଛି । ରାକ୍ଷସ ଦଳ ଖୁବ୍ ଆଡ଼ମ୍ବରରେ ତାହା ଭିତରେ ପଶୁଛନ୍ତି । ଚତୁର୍ଦ୍ଦିଗରେ କଙ୍କାଳର ପାହାଡ଼ ତଳେ ରକ୍ତର ନଦୀ ବହି ଯାଉଛି । ଉପରେ

—ନଟଙ୍କ—

ଆକାଶ କି ଅନ୍ଧାର । ଖଦ୍ୟୋତ ସବୁ ତାରବୃନ୍ଦ ଭଳି ଦିଶି ହୋଇ ଉଡ଼ି ବୁଲୁଛନ୍ତି ।

ମୋ ପୂର୍ବରୁ ଯିଏ ଫାଶୀର ତକ୍ତା ଉପରେ ଜୀବନ ଦେଇଛି, ସେ ମୋର ଖବର ଅନ୍ତର ବୁଝୁଛି ! ତାର ଛାୟା ମୁଁ ଏବେ ଦେଖି ପାରୁଛି । ରକ୍ତହୀନ ଶୀର୍ଣ୍ଣ ଦେହ, କୋଟରଗତ ଚକ୍ଷୁ, ମ୍ଳାନ ମୁଖ, କି ଭୟଙ୍କର ! ଆଲୋକ ଏବଂ ଅନ୍ଧକାରର ମଧ୍ୟରେ ଠିଆ ହୋଇ ସେ ଧୀରେ ଧୀରେ କଣ କହୁଛି । ମୁହଁରେ ହସର ଚିହ୍ନ ସୁଦ୍ଧା ନାହିଁ । ଅଛି କେବଳ ଏକ ଆତଙ୍କ—ଏକ ଅଧୀର ଉଦ୍‌ବେଗ ! କାହିଁ, କିଛି ଦେଖାଯାଉ ନାହିଁତ ! ମିଲ ହୋଟେଲର ସେଇ ନିର୍ମମ ଘଣ୍ଟା ମତେ ଦେଖି ଯେପରି ଅଟ୍ଟହାସ କରୁଛି, ମୋର ଅନ୍ତିମ ମୁହୂର୍ତ୍ତର କଥା ମନେ ପକାଇ ଦେଉଛି । ଏ ସଂସାରରେ କିଛି ନାହିଁ, ବନ୍ଧୁଏ ସୁଦ୍ଧା କରୁଣା ନାହିଁ !

ଏହିପରି ଭାବରେ ହୃଦୟ ମଧ୍ୟରେ ଦ୍ୱନ୍ଦ୍ୱ ଚାଲିଛି । ମୃତ୍ୟୁରେ ସୁଦ୍ଧା ନିସ୍ତାର ନାହିଁ !

ଉଃ, ଏହା କଣ ମୃତ୍ୟୁ ? କଣ ଏହା ? ଆତ୍ମାର ସଦ୍ଗତି ତାର ଏପରି ବିରୋଧ କାହିଁକି ? ଏକ ଆଘାତରେ ସେ ଯେତେବେଳେ ଦେହକୁ ଧୂଳିରେ ଲୋଟାଇ ଦେବ, ସେତେବେଳେ ମନର ଏଇ ବେଦନା, ଏଇ ଅନୁଭୂତି, ଏଇ ପ୍ରେମ, ସ୍ନେହ, ଦୟା, ଏସବୁକୁ କଣ ତାହା ଲୋପ କରିଦେବ ? ପୃଥିବୀ, ନିର୍ମମ ପୃଥିବୀରେ କଣ ସାମାନ୍ୟ ସୁଦ୍ଧା ମମତା ନାହିଁ ? ମୃତ୍ୟୁକୁ ଜିଣି ଆପେ ଛଆସି ଭରିଥିବା ଜୀବକୁ ରକ୍ଷା କରି ପାରିବାର ଶକ୍ତି କଣ ନାହିଁ ? ହେ ଭଗବାନ, ତୁମର ଏଇ ସୃଷ୍ଟିର ଲୀଳା କି ବିଚିତ୍ର ! କି ନିଷ୍ଠୁର ଏଇ ରହସ୍ୟ ! କି ନିର୍ମମ ଏଇ ଖେଳ !

—ଏକୋଣତିଶ—

—୨୩—

ଥରେ ନିଦ୍ରାଦେବୀଙ୍କ ଆରାଧନା କରିବାପାଇଁ ଶଯ୍ୟା ଉପରେ ଲେଟି ଯାଇଥିଲି । ଦେହର ସମସ୍ତ ରକ୍ତ ଯେପରି ମୁଣ୍ଡରେ ଆସି ଜମା ହୋଇଗଲା । ଜୀବନରେ ଏହା ବୋଧହୁଏ ଶେଷ ନିଦ୍ରା !

ସ୍ୱପ୍ନ ଦେଖିଲି ।

ନିସ୍ତବ୍ଧ ଗମ୍ଭୀର ରାତି । ଦୁଇଜଣ ବନ୍ଧୁଙ୍କ ସଙ୍ଗେ କଥାବାର୍ତ୍ତା କରୁଥିଲି । ପାଖ କୋଠରୀରେ ମୋ ସ୍ତ୍ରୀ ଶୋଇଛି । ମେସ୍ ଛା ଖଟ ଉପରେ ଶୋଇଛି ।

ଖୁବ୍ ଧୀରେ ଧୀରେ କଥାବାର୍ତ୍ତା ହେଉଥିଲା —କାହାର ନିଦ ଯେପରି ନଭାଙ୍ଗେ, କିଏ ଯେପରି ଡରି ନଯାଏ । ହଠାତ୍ କଣ ଗୋଟାଏ ଶବ୍ଦ ହେଲା । ମୁଁ ଚମକି ପଡ଼ିଲି । ନିଶ୍ଚୟ ଚୋର ହେବେ ।

—ବସ୍ତ୍ରାନବେ—

ସ୍ପିରପଟ ଖୋଜିଲୁ । କେହି ନାହିଁ । କୌଣସି ଲୋକର ଚିହ୍ନ ବର୍ଣ୍ଣ ସୁଦ୍ଧା ନାହିଁ ।

ଏମିତି ପାଖରେ ଇଏ କିଏ ? କିଏ ସେ ?

ନାସ୍ତି । ରୁକ୍ଷ କେଶ ମୁଖର ଚତୁର୍ଦ୍ଦିଗରେ ବାହାରି ହୋଇ ପଡ଼ିଛି । ମୁହଁରେ କଠୋର ଭାବ । ମୁଦ୍ରିତ ଚକ୍ଷୁ ।

ମୁଁ ପଚାରିଲି, "ତୁମେ କିଏ ?"

କୌଣସି ଉତ୍ତର ନାହିଁ ।

ଆମେ ପଚାରିଲୁ, "ଶୀଘ୍ର କହ, କିଏ ତୁମେ ?"

ତଥାପି କୌଣସି ଉତ୍ତର ନାହିଁ । ଆଖି ଦୁଇଟି ପୂର୍ବପରି ବନ୍ଦ ।

ବନ୍ଧୁ କହିଲେ, "ତା ମୁହଁ ଉପରକୁ ଆଲୁଅ ପକାଅ ।"

ମୁଁ ଆଲୁଅ ଠିକ୍ ତା ମୁହଁ ଆଡ଼କୁ ଦେଖାଇଲି । ତଥାପି କୌଣସି ଉତ୍ତର ନାହିଁ । ମୁଁ ପଚାରିଲି, "କଥା କାହିଁକି କହୁନାହଁ ?"

ତଥାପି ସେ ନିର୍ବାକ । ଆମେ ବ୍ୟସ୍ତ ହୋଇ ପଡ଼ିଲୁ । କି ବିପଦ !

ବନ୍ଧୁ ଜଣକ କହିଲେ, "ଆଲୁଅ ଆହୁରି ପାଖକୁ ନିଅ ।" ମୁଁ ଆଲୁଅକୁ ଏକଦମ ଆଖି ପାଖକୁ ନେଇଗଲି । ସେ ଆଖି ଖୋଲିଲା । ଉଃ, କି ତୀବ୍ର ସେ ଦୃଷ୍ଟି ! ମୁଁ ଆଖି ବନ୍ଦ କରିଦେଲି । ଆଖି ପୋଡ଼ି ଉଠିଲା । ପୁଣି ଆଖି ଖୋଲି ଦେଖେ ତ ଜେଲଖାନା । ମୋ ପାଖରେ ପୁରୋହିତ ଠିଆ ହୋଇଛନ୍ତି ।

ମୁଁ କହିଲି, "ଅନେକ ବେଳଯାଏ ମୁଁ ଶୋଇ ପଡ଼ିଲି, ନୁହେଁ ?"

—ଜେଷ୍ଠ୍ୟାନନ୍ଦ—

ସେ କହୁଲେ, "ହଁ, ଘଣ୍ଟାଏ କାଳ ଶୋଇଛ । ତୁମ ଝିଅକୁ ମୁଁ ନେଇ ଆସିଚି । ଦେଖିବାକୁ ଇଚ୍ଛା ଅଛି ? ତୁମକୁ ଉଠାଇବା ପାଇଁ ସେ ଚେଷ୍ଟା କରୁଥିଲା । ତୁମେ ନ ଉଠିବାରୁ ମତେ ଡାକିଲା । ତୁମ ଝିଅ ମେରି—"

ମୁଁ ଚିତ୍କାର କରି ଉଠିଲି, "ମେରି ! ମୋ ଝିଅ ମେରି ! କାହିଁ ? ଶୀଘ୍ର କହ । ଆଣ ଶୀଘ୍ର । ମୋ କୋଳକୁ ଦିଅ, ମୁଁ ତାକୁ ଥରେ ଛାତିରେ ଚାପିଧରେ ।"

—ଶ୍ଳୈ ସନବେ—

ମେସି ! ତାର ବର୍ଣ୍ଣ ଗୋଲାପ ଫୁଲ ପରି । ଅଙ୍ଗୁର ପରି ନରମ ତାର ଓଠ । ଆହା, ମୋ ଝିଅ !

କଳା ପୋଷାକ ତାକୁ ବେଶ ସୁନ୍ଦର ମାନୁଛି । ତାକୁ କୋଳରେ ବସାଇ ତା କପାଳରେ ଅଜସ୍ର ଚୁମ୍ବନ ଆଙ୍କି ଦେଲି ।

ଅସ୍ଥିର ହୋଇ ସେ ମତେ ଗୁହାଁଥିଲା । ଆଖିରେ କାତରତା । ବେଳେବେଳେ ସେ ଗୋଟିଏ ପାଖେ ଠିଆ ହୋଇଥିବା ଆୟାକୁ ଦେଖୁଥିଲା । ଆୟା କାନ୍ଦୁଥିଲା ।

ମେସିକୁ ଗୁଣ୍ଠନର ଶପିଧରି ଚିତ୍କାର କରି ଉଠିଲି, ମେସି, ମୋ ମା !"

ଅଳ୍ପ ଜୋର୍‌ରେ ସେ ମତେ ଠେଲିଦେଇ ତା ମୁହଁ ଘୁଞ୍ଚାଇ ନେଇ କହିଲା, "ଓଃ, ଆପଣ ମତେ ଛାଡ଼ି ଦିଅନ୍ତୁ ।"

—ପଞ୍ଚାନବେ—

ଅପଣ ! ପ୍ରାୟ ବର୍ଷକ ପରେ ଏଇ ପ୍ରଥମ ସାକ୍ଷାତ । ଏଇ ବର୍ଷକ ମଧ୍ୟରେ ମେଣ୍ଟି ମତେ ଭୁଲିଗଲା ? ମୋ କଥା, ମୋ ସ୍ନେହ, ମୋ ଆଦର ତା ମନରୁ ଲିଭିଗଲା ? ତଥାପି ତାର ଦୋଷ କଣ ?

ଏଇ ଦାଢ଼ୀ, ଏଇ ଜଟା, ଶୁଖିଲା ମୁହଁ, କଏଦୀ ପୋଷାକ, କର୍କଶ ସ୍ୱର—ସେ ଚିହ୍ନିବ କପରି ?

ଯିଏ ମତେ ମନେ ରଖିଥାନ୍ତା ସେ ବି ଶେଷରେ ମତେ ଭୁଲିଗଲା ! ହାୟରେ ମୋ ଭାଗ୍ୟ !

ଆଜି ମୁଁ ତାର 'ବାପା ନୁହଁ' । ନିଜ ଝିଅର ଆଦରବୋଳା ସମ୍ବୋଧନ, ମୁକୁଳିତ ପୁଷ୍ପ ପରି ହସ ଭରା ଓଠର ସେଇ ମଧୁର ସମ୍ବୋଧନ, 'ବାପା'—ଓଃ ଆଜି ମୁଁ ସେଥିରୁ ମଧ୍ୟ ବଞ୍ଚିତ !

କି ନିଷ୍ଠୁର ଅଭିଶାପ !

ଏଇ ସମୟରେ, ଜୀବନର ଏଇ ଶେଷ ମୁହୂର୍ତ୍ତିରେ ଥରେ, କେବଳ ଥରେ, ସେଇ ପ୍ରିୟ ସମ୍ବୋଧନ ନିଜ କନ୍ୟାର ସେଇ ମଧୁର ଡାକ ଯଦି ଥରେ ମୁହୂର୍ତ୍ତିକ ପାଇଁ ମଧ୍ୟ ଶୁଣିବାକୁ ପାଆନ୍ତି, ତେବେ ଷୋଳଶ ବର୍ଷର ଏଇ ସୁଦୀର୍ଘ ଜୀବନକୁ ମୁଁ ହସି ହସି ବିସର୍ଜନ କରିଦିଅନ୍ତି ।

ତାର ଦୁଇ ହାତକୁ ଚିପିଧରି ପଚାରିଲି "ମେଣ୍ଟି, ମୋ ମାଆ, ମତେ କଣ ଚିହ୍ନି ପାରୁନୁ ?"

ତାର ଉଜ୍ଜ୍ୱଳ ଆଖିରେ ମତେ ଚାହିଁ ସେ ବେଗରେ ଉତ୍ତର ଦେଲା, "ନା ।"

ମୁଁ ପଚାରିଲି, "ଦେଖ, ଭଲକରି ଦେଖ । କିଏ ମୁଁ ?"

—ଛୟାନବେ—

ସେ କହିଲା, "ଆପଣ କିଏ ମୁଁ ଜାଣିବି କିପରି ? ଭଲ ମଣିଷ ହୋଇ ପାରନ୍ତି ।"

କି ପରିଷ୍କାର ସ୍ୱର !

ଓଃ, ଯାହାର ଟିକିଏ ହସ ଦେଖିବା ପାଇଁ ମୁଁ ସବୁକିଛି କରି ପାରନ୍ତି; ତା ମୁହଁରୁ ଏଇ କଥା ? ତା ଆଖିରେ ଏ କି ଗୁହାଣୀ ?

ମୁଁ ପଚାରିଲି, "ତୁମ ବାପା ଅଛନ୍ତି ?"

ସେ କହିଲା, "ଅଛନ୍ତି । ତାହାଙ୍କ କଥା ପଚାରୁଛ ?"

"ସେ କେଉଁଠି ଅଛନ୍ତି ?"

ମେଘା ମତେ ଗୁହାଁ କହିଲା, "ସେ—କହନ୍ତୁ ।"

ହାୟ, ମୋର ଆଦରର କନ୍ୟା ! ହାୟରେ ଦୁର୍ବଳ ଶିଶୁ ହୃଦୟର ବ୍ୟାକୁଳତା ! ମୁଁ ପୁଣି ପଚାରିଲି, "କେଉଁଠି ଅଛନ୍ତି ସେ ?"

ମେଘାର ଆଖି ଲୁହରେ ଛଳ ଛଳ ହେଲା । ସେ ରୁଦ୍ଧ କଣ୍ଠରେ କହିଲା "ସରଗରେ ।"

ମୁଁ କହିଲି, "ସରଗରେ ! ଜାଣିଚ ମେଘା ସେ ସରଗ କେଉଁଠି ? ସରଗର ମାନେ କଣ ?"

ମେଘାର ଆଖିରୁ ଲୁହ ଝରଝର ହୋଇ ବହି ପଡ଼ୁଥିଲା ।

ମୁଁ କହିଲି, "ମେଘା, ଥରେ ଠାକୁରଙ୍କୁ ଡାକ ।"

ସେ କହିଲା, "ନା । ଦିନ ଦି ପହରରେ ବିନା କାମରେ ତାଙ୍କୁ ଡାକିବା ଉଚିତ ନୁହେଁ । ଟିକେ ସଞ୍ଜବେଳେ ମୁଁ ତାଙ୍କୁ ଡାକିବି ।"

ମୋ ହୃଦୟ ବ୍ୟାକୁଳ ହେଉଥିଲା । ଏଇ ଝିଅ—ଏଇ ମେଘା—ମୋ ଝିଅ ! ଓଃ, ସେ କି ଆଜି ମୋର ହୋଇ ରହିଲା

ନାହିଁ—ମୁଁ ଅଜ ତା ପାଖରୁ ବହୁତ ଦୂରକୁ ଚାଲିଗଲି । ନା, ନା, ମୁଁ ଯେପରି ହେଲେ ତାକୁ ବୁଝାଇ ଦେବି ଯେ ମୁଁ ତାର ବାପା । ସ୍ୱର୍ଗରେ ନୁହେଁ, ନରକରେ ନୁହେଁ, ତାର ଆଗରେ, ଏଇ ଜେଲ୍ ଭିତରେ ମୁଁ ଫାଶୀ ପାଇବା ପାଇଁ ବସି ରହିଛି ।

ମୁଁ କହିଲି, ''ମେଘି ତୁ ଚିହ୍ନି ପାରୁନୁ ? ମୁଁ ପରା ତୋ ବାପା ।''

ସେ ଉତ୍ତର ଦେଲା, ''ନା—''

ମୁଁ କହିଲି, ''ଓଃ, ସତେ କଣ ତୁ ମତେ ଭୁଲିଗଲୁ ? ଦେଖ, ଭଲକରି ଦେଖ । ସେଇ ଘରେ, ଗୋଲାପ ବଗିଚାରେ ବସି ମୁଁ ତତେ ଗପ କହୁଥିଲି । ପରୀ ଗପ—''

ମେଘିର ମୁହଁ ମୁଁ ପୁଣି ଛାତିରେ ଲଗାଇଲି ।

ମେଘି କହିଲା, ''ଓଃ, ଛାଡ଼ିଦିଅ ମତେ...''

ମୁଁ ତାକୁ କୋଳରେ ବସାଇ ପଚାରିଲି, ''ପଢ଼ି ଜାଣିବୁ ?''

''ହଁ ।''

ଖବର କାଗଜ ଖୋଲି ମୁଁ ତା ଆଗରେ ରଖିଲି । ସେ ପଢ଼ିବାରେ ଲାଗିଲା, ''ଫାଶୀ ଆସାମୀ—''

ସାଙ୍ଗେ ସାଙ୍ଗେ ମୁଁ ସେ କାଗଜକୁ ତା ହାତରୁ ଛଡ଼ାଇ ନେଲି । ଖବର କାଗଜ ସେ ଆସିଲାବେଳେ ଆଣିଥିଲା । ଖବର କାଗଜ ମାନେ ମୋର ଫାଶୀ ପାଇବା କଥା ବଡ଼ ବଡ଼ ଅକ୍ଷରରେ ଛାପିଥିଲେ, ଯେପରି ସମସ୍ତଙ୍କ ନଜର ତା ଉପରେ ପଡ଼େ ଏବଂ ଏତେବଡ଼ ଉତ୍ସବ ଦେଖିବା ପାଇଁ ଦର୍ଶକ ଦଳ ଜମା ହୋଇ ଯାଆନ୍ତି ।

ମୋ ମନର ଭାବ ମୁଁ କାଳୀରେ ଲେଖି ବୁଝାଇବା ପାଇଁ ସମର୍ଥ ନୁହେଁ । ମୋର ଏଇ ରୂପ ଦେଖି ଭୟରେ ମେଘି

କାନ୍ଦିବାରେ ଲାଗିଲେ । ସେ କହିଲା, "ଅଣ, ମୋ କାଗଜ ଅଣ, ମୁଁ ଜାହାଜ କରିବି ।"

ଅୟା ହାତକୁ ମୁଁ ଖବର କାଗଜ ବଢ଼ାଇ ଦେଇ କହିଲି, "ନେଇ ଯା ୟାକୁ । ଘରେ କହିବ—" ତାପରେ ମୋ ମୁହଁରୁ ଆଉ କୌଣସି କଥା ବାହାରିଲା ନାହିଁ । କି ଖବର ଦେବ ? ଝରକା ନିକଟରେ ଥିବା ଗୋଟିଏ ଚେୟାର ଉପରେ ବସି ପଡ଼ିଲି । ଦୁଇ ଆଖିକୁ ଦୁଇ ହାତରେ ଘୋଡ଼ାଇ ପକାଇଲି । ମୁଣ୍ଡରେ ରକ୍ତସ୍ରୋତ ଖୁବ୍ ଜୋରରେ ବହୁଥିଲା ।

କାହିଁ ସେ ଯମପୁରୀର ଭୟଙ୍କର ଦୂତ ? ଆସ । ଆଉ କାହାପାଇଁ ଅପେକ୍ଷା ? ଅପେକ୍ଷା କେଉଁଥିପାଇଁ ? ଏ ସଂସାରରେ ମୋର ଆପଣର କେହି ନାହିଁ । ବଞ୍ଚିବା ପାଇଁ ବର୍ତ୍ତମାନ ଆଉ ଇଚ୍ଛା ନାହିଁ । ଯେଉଁ ଶୃଙ୍ଖଳରେ ମୁଁ ଏଇ ସଂସାର ସହିତ ବନ୍ଧା ହୋଇଥିଲି, ସେଇ ଶୃଙ୍ଖଳ ଛିଣ୍ଡି ଗଲା । ଏବେ ମାୟା ମମତା ଆଉ କାହିଁକି ?

—ଅନେଶୋଢ—

ପୁରୋହିତଙ୍କ ହୃଦୟରେ ବି ଦୟା ଅଛି । ଜେଲର ବି ପଥର ନୁହଁନ୍ତି । ଅୟା ଯେତେବେଳେ ମେଷକୁ ନେଇଗଲେ, ସେତେବେଳେ ସେମାନଙ୍କ ଆଖିରୁ କେତୋଟି ବିନ୍ଦୁ ଲୁହ ଖସି ପଡ଼ିଲା ।

ଶେଷ—ବର୍ତ୍ତମାନ ସବୁ ଶେଷ । କେବଳ ସାହସ ଓ ବଳ । ରାସ୍ତାରେ ବିକ୍ଷିପ୍ତ ଜନତା—ଫାଶୀର ତକ୍ତା ନିକଟକୁ ଯିବା ପରେ କେଉଁଠି ରହିବ ଏଇ ସଂସାର ଆଉ କେଉଁଠି ରହିବି ମୁଁ ?

କିଏ ହସିବ । କିଏ ଆନନ୍ଦରେ ତାଳି ମାରିବ । କିଏ ଚିତ୍କାର କରିବ । କିଏ ଜାଣେ ଏଇ ଦର୍ଶକମାନଙ୍କ ଭିତରୁ କେତେକ ଜଣେ ମୋ ପଥର ପଥିକ ନ ହେବେ ? ଆଜି ସେମାନେ ମୋ ତମାସା ଦେଖିବା ପାଇଁ ଆସିଛନ୍ତି—ଜଣେ

—ଶେଷ—

ସେମାନଙ୍କ ମଧ୍ୟରୁ ଜଣେ ନା ଜଣେ ଅନ୍ୟଜଣଙ୍କ ତମାସା ଦେଖିବାକୁ ଯିବ ।

"ମେସ୍ଥ, ମୋ ମାଆ !"

ନା, ସେ ତ ଅସ୍ମା ସାଙ୍ଗରେ ଚାଲିଗଲା । ଗାଡ଼ିର ଝରକା ବାଟେ ସେ ଏଇ ଦେଖଣାହାରମାନଙ୍କ ଭିଡ଼ ନିଶ୍ଚୟ ଦେଖିବ । ହୁଏତ ଭାବିବ ଏଠି ନିଶ୍ଚୟ କୌଣସି ତମାସା ହେବ । ଏଇ 'ଭଲ ମଣିଷ' ତାର ମନେ ରହିବ ନାହିଁ । ସେ ଜାଣି ପାରିବ ନାହିଁ ଏଇ 'ଭଲ ମଣିଷ'କୁ ଦେଖିବା ପାଇଁ ଏଇ ତମାସା ହେଉଛି । ଆଉ ଏଇ 'ଭଲ ମଣିଷ' ଆଉ କିଏ ନୁହେଁ — ତାର ସେଇ ସ୍ୱର୍ଗତଃ ବାପା !

ତା ପାଇଁ ମୁଁ ଲେଖିଯିବି । ଦିନେ ନା ଦିନେ ସେ ପଢ଼ି ବୁଝିବ । ପନ୍ଦରବର୍ଷ ପରେ ସେ ଆଜିର ଏଇ ମୁହୂର୍ତ୍ତ କଥା ଭାବି କାନ୍ଦିବ ।

ହଁ, ମୋର ସବୁକଥା ତା ପାଇଁ ଲେଖିଯିବି । ମୋର କାହାଣୀ ଲେଖିଯିବି—ମୋ ଇତିହାସ—କାହିଁକି ଆଜି ଦେଶର ଛାତି ଉପରେ ରକ୍ତାକ୍ଷରରେ ମୋ ନାମ ଲେଖା ଯାଉଛି, ସେଇସବୁ କଥା ମୁଁ ଲେଖିଯିବି ।

— ଖଣ୍ଡ ଏକ —

## —୧୭—

ମୀଲ୍ସ ହୋଟେଲରୁ—

ମୀଲ୍ସ ହୋଟେଲ।.........ମୁଁ ବର୍ତ୍ତମାନ ଏଠିକି ଅସିଛି। ଏଇ ସ୍ଥାନ—ଏହା ମୋର ସେଇ ଝରକା ତଳେ। ଅନେକ ଲୋକ ରୁଣ୍ଡ ହୋଇଛନ୍ତି। କିଏ ପାଟି କରୁଚି। କିଏ ସିଟି ମାରୁଚି—କିଏ ହସୁଛି।

ସେଇ ଲାଲ ଖମ୍ବକୁ ଦେଖି ଛାତି କମ୍ପି ଉଠୁଛି।

କିଏ ଯାଉଛି? ବୋଧହୁଏ ସମସ୍ତ ହୋଇଗଲା। ବର୍ତ୍ତମାନ ଅଉ ଡେ଼ରି ନାହିଁ। ସମୁଦାୟ ଦେହ କମ୍ପୁଛି। ଛ'ଟା ବେଳେ— ଛ'ମାସ ହେଲା ଯେଉଁ କଥାକୁ ମୁ ଭାବି ଅସିଛି, ସେଇ ମୁହୂର୍ତ୍ତି ଅସିଗଲା। କିନ୍ତୁ କି ଶୀଘ୍ର!

ସେମାନେ ମୋତେ ଆଣି ଗୋଟିଏ ଛୋଟ କୋଠରୀରେ ଠିଆ କରି ଦେଲେ। ଝରକାର ରେଲିଂ ଦେଇ ଅକାଶ ଦେଖା ଯାଉଥିଲା। ଚତୁର୍ଦ୍ଦିଗ କୁହୁଡ଼ିରେ ଅଛନ୍ନ। ମୁଁ ଚେଆର

ଉପରେ ବସି ପଡ଼ିଲି । ଆଉ ତିନିଜଣ ଲୋକ ମୋ ପାଖରେ ଥିଲେ । ପୁରୋହିତ ମଧ୍ୟ ଥିଲେ । ହଠାତ୍ ବାଳରେ ଲୁହାର ଥଣ୍ଡା ସ୍ପର୍ଶ ଅନୁଭବ କଲି । କଚୁକଚ ଶବ୍ଦ । ମୋ ପାଖରେ ବାଳ ଆସି ପଡ଼ିଲା । ଠୁପ୍ ଠାପ୍ । ଦାଢ଼ୀ ସଫା ହୋଇଗଲା । ମୁହଁ ଟେକି ଚାହିଁଲି । କାଗଜ ପେନ୍‌ସିଲ୍ ଧରି ଜଣେ ଲୋକ କଣ ଲେଖୁଛି । ବୁଝି ପାରିଲି ସେ ଜଣେ ଖବର କାଗଜ ପ୍ରତିନିଧି । କାଲିର ଖବର କାଗଜ ପାଇଁ "ଖବର" ଏକାଠି କରୁଛି । ଖବର କାଗଜବାଲାମାନଙ୍କ ପ୍ରଥମ ବୃହସ୍ପତି ! ଖବର ବଡ଼ ଜବର !

ଦୁଇଜଣ ପ୍ରହରୀ ମୋ ହାତ ଧରି ଟାଣି ନେଲେ । ମୁଁ ପୁରୋହିତଙ୍କ ପଛେ ପଛେ ଚାଲିଲି ।

ବାହାରର ଦ୍ୱାର ଖୋଲିଗଲା ।

ବାହାରେ ଭୀଷଣ ଭିଡ଼ । ଚତୁର୍ଦ୍ଦିଗରୁ ଶୁଣାଗଲା, "ଏଇ, ଏଇ, ଏଇ ସେ ।" ସିପାହୀମାନେ ମୋ ଚାରିପାଖେ ଚାଲୁଥିଲେ । ରାଜକୀୟ ସମ୍ମାନରେ ମତେ ନେଇ ଯାଉଛନ୍ତି । ବାଃ – ବାଃ—ବାଃ !

କିଏ ଜଣେ କହିଲା, "ନମସ୍କାର ।" ଆଉଜଣେ କିଏ କହିଲା, "ଦଣ୍ଡବତ ଆଜ୍ଞା ।"

ସ୍ତ୍ରୀ ଲୋକଟି କହିଲା, "ବାପରେ !"

ଜଣେ ଲୋକ କହିଲା, "ଟୋପି କାଢ଼ି ଦିଅ, ସମ୍ମାନ ଦେଖାଅ । ମତେ ହସ ଲାଗିଲା । ଓଃ, ଏମାନେ ଟୋପି କାଢ଼ୁଛନ୍ତି, ମତେ ମୁଣ୍ଡ କାଢ଼ି ଦେବାକୁ ପଡ଼ିବ ।


ପୁରୋହିତଙ୍କ ହାତରୁ କ୍ରସ ନେଇ ମୁଁ ଓଠରେ ଲଗାଇଲି । ଲକ୍ତି ଗଦ ଗଦ କଣ୍ଠରେ କହିଲି, "କ୍ଷମା କର ଭଗବାନ ! ତୁମେତ ପାପ ତାରଣ – ସ୍ତ୍ରୀ ମାନଙ୍କ ବନ୍ଧୁ !"

—ଶତେକ ଭଳି—

ନାରୀମାନଙ୍କ କରୁଣ ସମବେଦନାର ସ୍ୱର ଶୁଣାଗଲା । ମୋର ଏପରି କମ ବୟସ ଦେଖି ସେମାନେ ମୋ ପାଇଁ ଦୁଃଖ କରୁଥିଲେ ।

ହଠାତ୍ ମୁଁ କମ୍ପି ଉଠିଲି—ଆଗରେ ଫାଶୀର ରଜ୍ଜୁ । ଠନ୍ ଠନ୍ ହୋଇ ଘଣ୍ଟ ବାଜିଲା ।





ଭିକ୍ଟର ହ୍ୟୁଗୋ

ଜନ୍ମ : ୧୮୦୨

ମୃତ୍ୟୁ : ୧୮୮୫

17 [illegible]

ପ୍ରଚ୍ଛଦପଟ ମୁଦ୍ରଣ : ମନମୋହନ ପ୍ରେସ, କଟକ-୨